## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

# ଐଶ୍ୱର୍ଯ୍ୟା ଶ୍ରେଷ୍ଠ ଅଭିନେତ୍ରୀ



ଦୁବାଇରେ ସୋମବାର ସାଉଥ୍ ଇଣ୍ଡିଆନ୍ ଇ□ରନ୍ୟାଶନାଲ ମୁଭି ଆୱାର୍ଡସ (ଏସ୍ଆଇଆଇଏମ୍ଏ) ୨୦୨୪ ଅନୁଷ୍ଠିତ ହୋଇଯାଇଛି । ମଣି ରତ୍ନମଙ୍କ ନିର୍ଦ୍ଦେଶିତ ତାମିଲ ଚଳଚ୍ଚିତ୍ର 'ପୋର୍ଣ୍ଣିୟିନ୍ ସେଲଭନ: ପାର୍ଟ ୨'ରେ ଦମଦାର ଅଭିନୟ ପାଇଁ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କୁ ଏହି ସମାରୋହରେ ଶ୍ରେଷ୍ଠ ଅଗ୍ରଣୀ ଅଭିନେତ୍ରୀ (କ୍ରିଟିକ୍ସ) ପୁରସ୍କାର ମିଳିଛି । ଚଳଚ୍ଚିତ୍ର ନିର୍ଦ୍ଦେଶକ କବିର ଖାନ୍‌ଙ୍କଠାରୁ ଐଶ୍ୱର୍ଯ୍ୟା ଏହି ଆୱାର୍ଡ ଗ୍ରହଣ କରିଛନ୍ତି । ଆୱାର୍ଡ ଗ୍ରହଣ କରିବା ପରେ ଐଶ୍ୱର୍ଯ୍ୟା କହିଛନ୍ତି, ତାଙ୍କ ପାଇଁ ଏହି ପୁରସ୍କାର ବହୁ ଗୁରୁତ୍ୱ ବହନ କରୁଛି । 'ପୋଓିୟିନ୍ ସେଲଭନ: ପାର୍ଟ ୨' ଚଳଚ୍ଚିତ୍ର ତାଙ୍କ ହୃଦୟର ଅତି ନିକଟତର ଥିଲାୟ ଏଥିପାଇଁ ଫିଲ୍ମର ପୂରା ଟିମକୁ ସେ ଧନ୍ୟବାଦ ଦେଇଛନ୍ତି । ଆୱାର୍ଡ ଗ୍ରହଣ କରିବା ସମୟରେ ଝିଅ ଆରାଧ୍ୟା ଐଶ୍ୱର୍ଯ୍ୟାଙ୍କର ଫଟୋ ଉଠାଉଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଇଭେ□ ସ୍ଥଳରେ ଐଶ୍ୱର୍ଯ୍ୟା ନିଜ ପ୍ରଶଂସକଙ୍କ ସହ ସେଲ୍ଫି ନେଉଥିବାର ମଧ୍ୟ ନଜର ଆସିଛନ୍ତି । ସୂଚନାଯୋଗ୍ୟ, 'ପୋଓିୟିନ୍ ସେଲଭନ: ପାର୍ଟ ୨'ରେ ଐଶ୍ୱର୍ଯ୍ୟା ନନ୍ଦିନୀ ଏବଂ ମନ୍ଦାକିନୀ ନାମରେ ୨ଟି ଚରିତ୍ରରେ ଅଭିନୟ କରିଥିଲେ ।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ

ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ । ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ (ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ୍ୟ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ



ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

# ମାନସିକ ଚାପ ବଢ଼ାଏ ସ୍ମାର୍ଟଫୋନ

ଆପଣ ଲଗାତାର ସ୍ମାର୍ଟଫୋନ୍‌ରେ ମେଲ୍ ଚେକ୍ କରୁଛନ୍ତି ? ଫେସବୁକ୍, ଟୁଇଟର ଆଦି ସୋସିଆଲ୍ ସାଇଟ୍‌ରେ ଅପ୍‌ଡେଟରେ ରହୁଛନ୍ତି ? ଏହା ଆପଣଙ୍କ ମାନସିକ ଚାପ ଆଶଙ୍କା ବୃଦ୍ଧି କରିପାରେ ବୋଲି ଆମେରିକାର ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି ।

ଆମେରିକାନ୍ ସାଇକୋଲୋଜିକାଲ୍ ଆସୋସିଏସନ୍ (ଏପିଏ) ଅନୁସାରେ, ଏଠାରେ ପ୍ରତି ପାଞ୍ଚ ଜଣ ବୟସ୍କଙ୍କ ମଧ୍ୟରେ ୪ରୁ ଅଧିକ (୮୬ ପ୍ରତିଶତ) ଲଗାତାର ସ୍ମାର୍ଟଫୋନ୍‌ରେ ମେଲ୍ ଚେକ୍ କରିବା ସହିତ ସୋସିଆଲ୍ ମିଡିଆ ସହ ଯୋଡ଼ିହୋଇ ରହୁଛନ୍ତି । ଲଗାତାର ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ମାନସିକ ଚାପ ସ୍ତର ବହୁତ ବଢ଼ିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି । ଟେକ୍ନୋଲୋଜି ଓ ସୋସିଆଲ୍ ମିଡିଆ ପାଇଁ ଲୋକେ ଲଗାତାର ନିଜ ସ୍ମାର୍ଟଫୋନ୍‌ରେ ଲାଗିରହୁଛନ୍ତି । ତେଣୁ ଡିଜିଟାଲ୍ ଜୀବନଶୈଳୀରୁ ଦୂରେଇ ରହିଲେ ଟେକ୍ନୋଲୋଜି ଦ୍ୱାରା ହେଉଥିବା ମାନସିକ ଚାପ ନିୟନ୍ତ୍ରଣରେ ବେଶ ସହାୟକ ହୋଇପାରିବ ବୋଲି ଏପିଏର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିନ୍ ବୁଫ୍‌କା କହିଛନ୍ତି । ସର୍ଭେ ଅନୁସାରେ, ଲଗାତାର ଟେକ୍ନୋଲୋଜି ସମ୍ପର୍କରେ ନଥିବା ଲୋକଙ୍କ ତୁଳନାରେ ଟେକ୍ନୋଲୋଜି ସହ ସର୍ବଦା ଜଡ଼ିତ



ରହୁଥିବା ବ୍ୟକ୍ତି ଅଧିକ ଚାପଗ୍ରସ୍ତ । ଲଗାତାର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ହାରାହାରି ଚାପ ସ୍ତର ୫.୩ ଥିବା ବେଳେ ଏଥିସହ ସର୍ବଦା ଜଡ଼ିତ ନଥିବା ଲୋକଙ୍କ ଚାପ ୪.୪ ଥିଲା । ଛୁଟିଦିନରେ ଲଗାତାର ମେଲ୍ ଚେକ୍ କରୁଥିବା ଆମେରିକୀୟ କର୍ମଚାରୀଙ୍କ ଚାପ ସ୍ତର ୬.୦ ଥିଲା । ମୋବାଇଲ ଉପକରଣଗୁଡ଼ିକର ଆବଶ୍ୟକତା ଓ ସୋସିଆଲ୍ ନେଟ୍‌ୱର୍କ ଲୋକଙ୍କ ଦୈନନ୍ଦିନ ଜୀବନଶୈଳୀ ବଦଳାଇ ଦେଇଥିବା ବୁଫ୍‌କା କହିଛନ୍ତି । ଗତ ବର୍ଷ ଅଗଷ୍ଟରେ ଏହି ସର୍ଭେ ଅନ୍‌ଲାଇନ୍ କରାଯାଇଥିଲା । ୧୮ ବର୍ଷ ବୟସରୁ ଅଧିକ ୩,୫୧୧ ଲୋକଙ୍କୁ ଏଥିରେ ସାମିଲ କରାଯାଇଥିଲା । ପିଲାଙ୍କ ଟେକ୍ନୋଲୋଜି ବ୍ୟବହାରରେ ସନ୍ତୁଳନ ରକ୍ଷା କ୍ଷେତ୍ରରେ ଅଭିଭାବକ ମଧ୍ୟ ଚାପ ଅନୁଭବ କରୁଥିବା ଜଣାପଡ଼ିଲା । ସ୍କୁଲରେ ପଢୁଥିବା ପିଲାଙ୍କ ପାଇଁ ଅତି କମ୍‌ରେ ଖାଇବା ସମୟରେ, ଶୋଇବାକୁ ଯିବା ପୂର୍ବରୁ ମୋବାଇଲ୍ ବ୍ୟବହାରରେ କଟକଣା କରିଥିବା ୯୪ ପ୍ରତିଶତ ଅଭିଭାବକ କହିଥିଲେ ।

# ସତର୍କ ନହେଲେ ମଣିଷକୁ ଶୀଘ୍ର ବାର୍ଦ୍ଧକ୍ୟ ଆସିପାରେ

ବୟସାଧିକ ବା ଏଜିଂର ସମସ୍ୟା ଉପରେ ବିଜୟ ହାସଲ କରିବା ପାଇଁ ଲୋକେ ନିଜର ଲାଇଫ୍ ଷ୍ଟାଇଲ୍‌ରେ ପରିବର୍ତ୍ତନକୁ ସ୍ୱୀକାର କରି ନେଲେଣି । ରେଗୁଲାର ଏକ୍ସରସାଇଜ୍, ତ୍ୱଚାର ଯତ୍ନ ନେବା, ପର୍ଯ୍ୟାପ୍ତ ନିଦ ଓ ଆରାମ ନେବା ଆପଣଙ୍କୁ ଦୀର୍ଘ ସମୟ ଧରି ଯୁବା ରଖିବାର ଭଲ ଉପାୟ । କିନ୍ତୁ ଆପଣ କଣ ଜାଣନ୍ତି ଆମେ ଖାଉଥିବା କିଛି ଜିନିଷ, ଯାହାକି ଆପଣଙ୍କୁ ବୃଦ୍ଧାବସ୍ଥାକୁ ନେଇଯାଏ । ବିଶେଷଜ୍ଞଙ୍କ ମତରେ ଅତ୍ୟଧିକ ସୁଗର ସେବନ କରୁଥିବା ଲୋକଙ୍କ ମଧ୍ୟରେ ଏଜ୍ ରିଲେଟେଡ୍ ରୋଗ ସମସ୍ୟା ଅଧିକ ହୋଇଥାଏ ।

ହାଇ ସୁଗର ଡାଏଟ୍‌ରେ ସମସ୍ୟା- ଟଫ୍ଟସ୍ ୟୁନିଭର୍ସିଟିର ଗବେଷକମାନେ କୁହନ୍ତି ହାଇ ସୁଗର ଫୁଡ୍ ମଣିଷର ବୟସ ସହ ଜଡ଼ିତ ରୋଗ ଗୁଡ଼ିକ ପାଇଁ ବିଷାକ୍ତ ଜିନିଷ (ଟକ୍ସିସ୍) ନିର୍ମାଣ କରିଥାଏ । ଏହାସହ ଏହି ବିଷାକ୍ତ ଜିନିଷକୁ ନଷ୍ଟ କରିବାକୁ ଥିବା ଶାରୀରିକ କ୍ଷମତାକୁ ମଧ୍ୟ ନଷ୍ଟ କରିଥାଏ । ଏହି ପ୍ରକାର ହାଇ ସୁଗର ଫୁଡ୍ ଆମର ସ୍ୱାସ୍ଥ୍ୟ ଉପରେ ପ୍ରହାର ସଦୃଶ ହୋଇଥାଏ ।

ହାଇ ସୁଗରରେ ହେଉଥିବା ରୋଗ



– ଟଫ୍ଟସ୍ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି, ଶରୀରରେ ସୁଗର ଅଧିକ ମାତ୍ରାରେ ଥିଲେ ବୟସ ସହ ଜଡ଼ିତ ରୋଗ ପାଇଁ ସମସ୍ୟା ବୃଦ୍ଧି ପାଇଥାଏ । ହାଇ ସୁଗର ଫୁଡ୍‌ରେ କାର୍ଡିଓ ଭାସ୍କୁଲାର ରୋଗ, ଡାଇବେଟିସ୍ ଓ ଏଜ୍ ରେଗୁଲେଟେଡ୍ ମସ୍କୁଲାର ଡିଜେନେରେସନ ସମସ୍ୟା ସୃଷ୍ଟି ହୋଇଥାଏ । ମସ୍କ୍ୟୁଲାର ଡିଜେନେରେସନ ଏକ ଏମିତି ରୋଗ ଯାହା ମଣିଷକୁ ଅନ୍ଧ ବି କରିପାରେ ।

ଶରୀରର ପୁରା ମେକାନିଜିମ ଉପରେ ଖରାପ ପ୍ରଭାବ – ଆମର ଶରୀରରେ ୬୨ ପ୍ରୋଟିନ୍ ଯେତେ କମ୍ ହେବ, ହାନିକାରକ ସେତେ ଅଧିକ ଜମିବ । ହାଇ ସୁଗର ଡାଏଟ୍ କେବଳ ଶରୀରକୁ କ୍ଷତିକୁ ବଢ଼ାଇଥାଏ । ୬୨ର ଫଙ୍କନ ଉପରେ ମଧ୍ୟ ବହୁତ ଖରାପ ପଡ଼ିପାରେ । ହାଇ ସୁଗରରେ ଟକ୍ସିନ୍‌ର ପରିମାଣ ବଢ଼ିଥାଏ, ଏହାସହ ଶରୀରକୁ ସୁରକ୍ଷା ଦେଉଥିବା ମେକାନିଜିମ୍ ମଧ୍ୟ ପ୍ରଭାବିତ ହୋଇଥାଏ ।

ସୁଗର ସ୍ଥାନରେ ଫ୍ୟାଟ୍ ରିପ୍ଲେସ କରିବାର ଭୁଲ୍‌ରୁ ନିବୃତ୍ତଉରୁହନ୍ତୁ – ଏଲନ ଟେଲଙ୍କର କହିବା ହେଲା ଏମିତି ନୁହେଁକି ଶରୀରକୁ ସୁଗର ଜମା ଆବଶ୍ୟକ ନୁହେଁ, ଯେକୌଣସି ପ୍ରକାରର ସୁଗର ସେବନ ବନ୍ଦ କରିଦେବା ମଧ୍ୟ ଆବଶ୍ୟକ ନାହିଁ । କୌଣସି ପ୍ରକାରର ସେବନ ବନ୍ଦ କରିବା ମଧ୍ୟ ଆବଶ୍ୟକ ନାହିଁ । ସୁଗର ଡାଏଟ୍ ସ୍ଥାନରେ ଫ୍ୟାଟି ଫୁଡ୍‌କୁ ପରିବର୍ତ୍ତନ କରିବା ବି ବଡ଼ ଭୁଲ୍ ହେବ । ଯଦି ଡାଏଟ୍‌କୁ ବାଲାନ୍ସ ରଖନ୍ତି ତ ଏଥିରେ ଅନେକ ପ୍ରକାରର ଫଳ ଓ ପରିବା ରହିବା ଜରୁରୀ ।

ହାଉ ସୁଗର ଫୁଡ୍ ଠାରୁ ରକ୍ଷା ପାଇବା ପାଇଁ କିଛି ଖାଦ୍ୟକୁ ଖାଇବା ବନ୍ଦ କରିଦେବା ଉଚିତ୍ । ମାଂସ, କ୍ୟାଚଅପ୍, ପ୍ୟାକବନ୍ଦ ଜୁସ୍, କୋଲଡ ଡ୍ରିଙ୍କ ବା ଏନର୍ଜି ଡ୍ରିଙ୍କସ, ଚକୋଲେଟ୍ ମିଲ୍କସ, ଗ୍ରେନୋଲା, ଫ୍ଲେଭର୍ଡ କଫି, ଆଇସ୍ ଟି, କେନ୍ ସୁପ୍ ବା ପ୍ରିମେଡ୍‌ସୁପ୍, ପ୍ରୋଟିନ୍ ବାର, ଭିଟାମିନ୍ ୱାରତ ଓ କେନ୍ ଫ୍ରୁଟ୍‌ରେ ସୁଗର ଅତ୍ୟଧିକ ମାତ୍ରାରେ ଥାଏ ।

ଅଧିକ ଷ୍ଟାର୍କ ଫୁଡ୍ – ଡାକ୍ତରଙ୍କ କହିବାନୁସାରେ,ସୁଗର କଣ୍ଟ୍ରୋଲ କରୁଥିବା ଲୋକକୁ ଅତ୍ୟଧିକ ଷ୍ଟାର୍କ ଥିବା ଜିନିଷ ଠାରୁ ଦୂରେଇ ରହିବା ଉଚିତ୍ । ଏମିତି ଲୋକ ଆଳୁ, ଫୁଲକୋବି, ମକ୍କା, ମଟର, ମସୁର ଡାଲି ଆଦିରୁ ଦୂରେଇ ରହିବା ଉଚିତ ।

# ଝୋଟି ଓ ଚିତା ପକାଇଲେ ଘରର ସମୃଦ୍ଧି ହୁଏ

ଆମେ ସମସ୍ତେ ମାଣବସା ଗୁରୁବାର ଝୋଟି ବିଷୟରେ ଅଳ୍ପ ବହୁତ ଜାଣିଛୁ । ତେବେ ମାଣବସା ଗୁରୁବାର ଝୋଟି ବାଦ୍ ଆମ ରାଜ୍ୟରେ ଆହୁରି ଅନେକ ପୂଜା ପର୍ବରେ ଭିନ୍ନ ଭିନ୍ନ ଆକୃତିର ଝୋଟି ଦିଆଯାଇଥାଏ । ସେଥିମଧ୍ୟରୁ କେତୋଟି










ଚିତା ବିଷୟରେ ଉଲ୍ଲେଖ କରିବକୁ ଚେଷ୍ଟା କରିଛୁ । ସେଥିମଧ୍ୟରୁ ଗୋଟିଏ ହେଉଛି

ଗଦାପଦ୍ମ ଚିତା : ମାଘ ମାସରେ ତୁଳସୀ ଗଛ ମୂଳେ ଗଦାପଦ୍ମ ଚିତା ଅଙ୍କାଯାଏ । ବିଶ୍ୱାସ କରାଯାଏ ମାଘ ମାସରେ ପୂଜା କୋଠରୀ ଏବଂ ଦ୍ୱାର ଆଗରେ ଗଦାପଦ୍ମ ଚିତା ପକାଇବା ଦ୍ୱାରା ଘରର ଶ୍ରୀ ବୃଦ୍ଧି ପାଇଥାଏ ।

ଛନ୍ଦ ପିଢ଼ାପଦ୍ମ : ଆଉ ଗୋଟିଏ ଚିତା ହେଉଛି ଛନ୍ଦ ପିଢ଼ାପଦ୍ମ । ଏହି ଝୋଟି ବୃତ୍ତାକାର ହୋଇଥିଲେ ମଧ୍ୟ ଜ୍ୟାମିତିକ ଡିଜାଇନ୍‌ର ଝଲକ ଅତି ସ୍ପଷ୍ଟ । କିଛି କିଛି ଓଡ଼ିଆ ଘରେ ନାଗ ଚତୁର୍ଥୀ ଦିନ ଘର ଆଗରେ ଅଙ୍କା ଯାଇଥାଏ ଛନ୍ଦ ପିଢ଼ାପଦ୍ମ ଚିତା । କେହି କେହି ତୁଳସୀ ଚଉରା ମୂଳରେ ଏହି ଚିତା ପକାଇ ଥାଆନ୍ତି । ତେବେ ଏହି ଚିତା କେବଳ ଅରୁଆ ଚାଉଳ ପିଠଉରେ ନୁହେଁ, ବରଂ ରଙ୍ଗବେରଙ୍ଗୀ ମୁରୁଜରେ ମଧ୍ୟ ପଡ଼ିଥାଏ । ଏହାର ବିଭିନ୍ନ ଶୈଳୀ ଥିଲେ ମଧ୍ୟ କେନ୍ଦ୍ର ଭାଗରେ ଯାହା ଅଙ୍କା ଯାଇଥାଏ ତାହା ହିଁ ଏହି ଚିତାର ମୂଳ ଆକର୍ଷଣ । ଗୋଟିଏ ଉପରେ ଆଉ ଗୋଟିଏ ପଦ୍ମ ପାଖୁଡ଼ା ଆକୃତିର ରେଖାଚିତ୍ରର ସମାହାର ଏହି ଝୋଟିର ବିଶେଷତ୍ୱ ।

ଅନନ୍ତ ବ୍ରତ ମଣ୍ଡଳ : ଉପରୋକ୍ତ ଦୁଇଟି ଚିତା ବ୍ୟତୀତ ଓଡ଼ିଶାର ଗାଁ ଗହଳିରେ ଏବେ ବି ପଡୁଥିବା ଝୋଟି ମଧ୍ୟରେ ଅନନ୍ତ ବ୍ରତ ମଣ୍ଡଳ ଅନ୍ୟତମ । ଭାଦ୍ରବ ମାସରେ ଅନନ୍ତ ବ୍ରତ ଦିନ ଏହି ଝୋଟି ପଡ଼ିଥାଏ । ଏହି ଝୋଟିରେ ଅନନ୍ତନାଗଙ୍କୁ ଦର୍ଶା ଯାଇଥାଏ । ଝୋଟି ମଧ୍ୟରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ୍ୟ ଅଙ୍କା ଯାଇଥାଏ । ଅନନ୍ତବ୍ରତ ମଣ୍ଡଳରେ ପ୍ରଥମେ ଢାଉରେ ରଙ୍ଗ କରାଯାଇ ତାହା ଉପରେ ଅରୁଆ ଚାଉଳର ଝୋଟି ପକାଯାଏ । ଏହି ଚିତା ଏମିତି ଭାବେ ଅଙ୍କା ଯାଇଥାଏ ଯେମିତି ଅନନ୍ତନାଗଙ୍କର ମୁଣ୍ଡ ଏବଂ ଲାଞ୍ଜ ଗୋଟିଏ ଜାଗାରେ ଆସି ମିଶିଥିବେ ।

ବେଲପତ୍ରି ମଣ୍ଡଳ ଚିତା : ଆଉ ଗୋଟିଏ ପ୍ରକାରର ଚିତା ହେଉଛି ବେଲପତ୍ରି ମଣ୍ଡଳ ଚିତା । ଶିବରାତ୍ରି ଅବସରେ ପଞ୍ଚବର୍ଣ୍ଣୀ ମୁରୁଜରେ ଅଙ୍କା ଯାଇଥାଏ ବେଲପତ୍ରି ମଣ୍ଡଳ ଚିତା । ବିଶ୍ୱାସ କରାଯାଏ ମହାଶିବରାତ୍ରି ଦିନ ଯଦି ଜଣେ ନିଃସନ୍ତାନ ମହିଳା ବେଲପତ୍ରି ମଣ୍ଡଳ ଚିତା ଆଙ୍କି ରାତି ସାରା ପଞ୍ଚାକ୍ଷରି ମନ୍ତ୍ର ଜପ କରିଥାନ୍ତି ତେବେ ତାଙ୍କର ସନ୍ତାନ ପ୍ରାପ୍ତି ହୋଇଥାଏ । ଏହି ଚିତା ବ୍ୟତୀତ ଆଉ ଯେଉଁ ସବୁ ଝୋଟି ପଡ଼ିଥାଏ ତାହା ମଧ୍ୟରେ ଶଙ୍ଖ ମଣ୍ଡଳ, ମଣ୍ଡଳ ପଦ୍ମ, କବାଟ ପଦ୍ମ ଅନ୍ୟତମ । ଦୋଳପୂର୍ଣ୍ଣିମା ଦିନ ଶଙ୍ଖ ମଣ୍ଡଳ ଅଙ୍କନ କରାଯାଉଥିବା ବେଳେ ଚତୁର୍ମାସ୍ୟା ଗୁରୁବାରରେ ଘରର ମୁଖ୍ୟ କବାଟରେ ଅଙ୍କା ଯାଇଥାଏ କବାଟ ପଦ୍ମ । ସେହିପରି ଗୁରୁବାର ଲକ୍ଷ୍ମୀପୂଜାରେ କବାଟ ଓ ଚଟାଣରେ ମଣ୍ଡଳ ପଦ୍ମ ଅଙ୍କାଯାଏ ।

# ଚଳିତ ବର୍ଷ ସଂଗ୍ରହ ହେବ ୧କୋଟି ମେଟ୍ରିକ ଟନ୍ ଧାନ

**ଭୁବନେଶ୍ୱର,୧୯।୯ (ମହାଭାରତ):** ଚଳିତ ଖରିଫ ଋତୁରେ ଚାଷୀଙ୍କଠୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସପି)ରେ ସଂଗ୍ରହ କରାଯିବ। ଚଳିତବର୍ଷ ମୋଟ ଏକ କୋଟି ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କ ସୁବିଧା ନିମନ୍ତେ ମଣ୍ଡିରେ ସମସ୍ତ ପ୍ରକାରର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଖରିଫ ଧାନ ସଂଗ୍ରହ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। କୃଷକ ସମୃଦ୍ଧି ଯୋଜନାରେ ଯେଭଳି ଚାଷୀ ସର୍ବାଧିକ ଲାଭବାନ ହେବେ ତା’ଉପରେ ଗୁରତ୍ୱ ଦେଇଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଲାଗୁ ଓ ମଣ୍ଡିରେ ଧାନ



ସଂଗ୍ରହ ପ୍ରକ୍ରିୟାର ସରଳୀକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଂଗୃହୀତ ଧାନକୁ ସୁରକ୍ଷିତ ରଖିବା ନିମନ୍ତେ ପର୍ଯ୍ୟାପ୍ତ ଗୋଦାମ ଗୃହ ନିର୍ମାଣ କରିବା ଏବଂ କୃଷକମାନଙ୍କ ସର୍ବାଧିକ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଧାନ ମଣ୍ଡିକୁ ଯିବାର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଏହାର ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଉଛି। ଏହି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ମଣ୍ଡିରେ ଧାନ ସଂଗ୍ରହରେ ବାୟୋମେଟ୍ରିକ ପଦ୍ଧତି ଓ ଆଧାର ସଂଯୋଗୀକରଣର ବ୍ୟବସ୍ଥା ହୋଇଛି। ଇ-ବାହନ୍ ଆପ୍ ଯୋଗେ ଧାନ ସଂଗ୍ରହ କରୁଥିବା ଗାଡ଼ିର ଜିପିଏସ୍ ସହାୟତାରେ ଟ୍ରାକିଂ କରାଯିବ। ଏହାଫଳରେ ମଧ୍ୟସ୍ଥି ଓ ଦଲାଲଙ୍କ ଦୌରାତ୍ମ୍ୟ କମିବ। ଧାନସଂଗ୍ରହ ସମୟରେ ଧାନର ଗୁଣବତ୍ତା ଯାଞ୍ଚ କରିବା ପାଇଁ ଅଟୋମେଟିକ୍ ଗ୍ରେନ୍ ଆନାଲାଇଜରର ବ୍ୟବସ୍ଥା ରହିବ। ଏହି ପ୍ରକ୍ରିୟାକରଣ ସମୟରେ କୃଷି ଓ କୃଷକ କଲ୍ୟାଣ ବିଭାଗ, ଖାଦ୍ୟଯୋଗାଣ, ପଂଚାୟତିରାଜ ଓ ରାଜସ୍ୱ ଆଦି ବିଭାଗର ଅଧିକାରୀମାନେ ଜିଲ୍ଲାଗୁଡ଼ିକୁ ଯାଇ କ୍ଷେତ୍ରସ୍ତରରେ ପ୍ରତ୍ୟକ୍ଷ ଯାଞ୍ଚ କରିବେ ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ସମୀକ୍ଷା ବୈଠକରୁ ଜଣାପଡ଼ିଛି। ପିପିପି ମୋଡରେ ଗୋଦାମ ଗୃହ ନିର୍ମାଣ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ବୈଠକରେ ଉପମୁଖ୍ୟମନ୍ତ୍ରୀ (କୃଷି ମନ୍ତ୍ରୀ) କନକବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା ଓ ସମ୍ପୃକ୍ତ ବିଭାଗ ଗୁଡ଼ିକର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୃଷକର ଉତଥାନ ପାଇଁ ସାରଙ୍ଗଧର ଦାସଙ୍କ ଜୀବନ ସମର୍ପିତ ଥିଲା

**ଭୁବନେଶ୍ୱର,୧୯।୯ (ମହାଭାରତ):** ବିପ୍ଳବୀ ସାରଙ୍ଗଧର ଦାସ ସ୍ମୃତି ପରିଷଦ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗଡ଼ଜାତ ଗାନ୍ଧୀ ବିପ୍ଳବୀ ସାରଙ୍ଗଧର ଦାସଙ୍କ ୬୭ତମ ସ୍ୱର୍ଗାରୋହଣ ଦିବସ ଆଜି ପ୍ରତ୍ୟୁଷରେ କଟକ ସତୀଚଉରା ସ୍ଥିତ ତାଙ୍କ ସମାଧିପୀଠରେ ଡାକ୍ତର ରବି ରଂଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଗଡ଼ଜାତ ଗାନ୍ଧୀଙ୍କ ଉପରେ ବନ୍ଦନା ଗାନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ସାମାଜିକ ନ୍ୟାୟ ଆନେ୍ଦାଳନର ପ୍ରବକ୍ତା ସମାଜବାଦୀ ନେତା ଚିରଂଜନ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ସମରେନ୍ଦ୍ର ଘୋଷ, ହେମନ୍ତ କୁମାର ପରିଡ଼ା, ଗୋପାଳ ଚନ୍ଦ୍ର ମିଶ୍ର, ରତ୍ନାକର ମୁକ୍ତି, ନରେନ୍ଦ୍ର ନାୟକ, ନଳିନୀପ୍ରଭା ନାଏକ, ବୈଷ୍ଣବ ଦାଶ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ନିଜସ୍ୱ ଉଦ୍ୟମରେ ଶ୍ରମଦାନ କରି ଜାପାନ ଓ ଆମେରିକାରେ କୃଷି ଓ ରସାୟନ ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରି ଉଚ୍ଚ ବେତନରେ ଚାକିରି କରି ଆମୋଦ ଦାୟକ ଜୀବନ ନିର୍ବାହ କରୁଥିବା ସାରଙ୍ଗଧର ଦାସ ନିଜ ଜନ୍ମମାଟି ଢେଙ୍କାନାଳ ଗଡ଼ଜାତର ରାଜ ଅତ୍ୟାଚାର ଓ ପ୍ରଜାପୀଡନକୁ ଅନୁଭବ କରି ଉଚ୍ଚବେତନର ପଦବୀ ପରିତ୍ୟାଗ କରି ବିଦେଶିନୀ ଧର୍ମପତ୍ନୀ ଫ୍ରୀଡାଙ୍କ ସହ ସ୍ୱଦେଶ ପ୍ରତ୍ୟାର୍ବନ କରି ଗଡ଼ଜାତ ଆନେ୍ଦାଳନକୁ ସକ୍ରୀୟ କରିବା ସହ ସମଗ୍ର ରାଜ୍ୟରେ ପରିବ୍ୟାପ୍ତ କରିଥିଲେ ।

## ବିଜୁଳି ବିଲ୍ କମିବା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର,୧୯।୯ (ମହାଭାରତ):** ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଏନର୍ଜି ଏଫିସିଏନ୍ସି ସର୍ଭିସ୍ ଲିମିଟେଡ୍(ଇଇଏସ୍ଏଲ୍)ର ପ୍ରତିନିଧି ନିଜ ସେବା ଓ ଉତ୍ପାଦ ବିଷୟରେ ଉପସ୍ଥାପନା କରିଥିଲେ।

ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଉଜାଲା ଯୋଜନା ଅନ୍ତର୍ଗତ ଇଇଏସ୍ଏଲ୍ କମ୍ପାନୀ ମାତ୍ର ୩ ମାସରେ ୪ କୋଟି ବିଜୁଳି ବଲବ୍ ଯୋଗାଇ ଦେଇଥିଲା ।

ଅନୁରୂପ ଭାବେ ଓଡ଼ିଶାରେ ବିଜୁଳି ଖର୍ଚ୍ଚ କମିବା ସହିତ ବିଜୁଳି ବିଲ୍ ମଧ କମ୍ ରହିବ। ଯାହା ପରୋକ୍ଷ ଭାବେ ପରିବେଶ ଓ ଜଳବାୟୁ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ସେ କହିଥିଲେ। ସେହିଭଳି କେବଳ ବିଜୁଳି ବଲବ୍ ନୁହେଁ, ବିଦ୍ୟୁତ ଚାଳିତ ସାଇକେଲ, ଫ୍ରିଜ୍, ବିଦ୍ୟୁତଚାଳିତ ଗାଡ଼ି ଇତ୍ୟାଦି ମଧ ଉତ୍ପାଦନ କରୁଛନ୍ତି। ଏହିସବୁ ବିଦ୍ୟୁତ ଚାଳିତ



ଉତ୍ପାଦର ବ୍ୟବହାର ଶକ୍ତିର ଅପଚୟ ରୋକିବା ସହ ଗ୍ରୀନ୍ ହାଉସ୍ ଗ୍ୟାସର ନିର୍ଗମନକୁ ହ୍ରାସ କରିବାରେ ସହାୟକ ହେବ। ଉକ୍ତ କ୍ଷମତାସଂପନ୍ନ ଓ ଲୋକଙ୍କୁ ସୁହାଇଲା ଭଳି ମୂଲ୍ୟରେ ଏହା ବଜାରରେ ଉପଲବ୍ଧ ହେଲେ ଲୋକଙ୍କ ଉପଯୁକ୍ତ ସେବାରେ ଲାଗିପାରିବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଥିଲେ। ଏହାସବୁ ଅଧିକରୁ ଅଧିକ ଚାର୍ଜିଂ ଷ୍ଟେସନ୍ ସ୍ଥାପନ କଲେ ଲୋକେ ଏହାର ସୁବିଧା ନେଇପାରିବେ ବୋଲି ମଧ ସେ କହିଥିଲେ। ‘ଉର୍ଜାବୀର’ ସାଥି ହୋଇ ଗ୍ରାମୀଣ ତଥା ସହରୀ ଇଲାକାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଧ ଏଥିରେ କାର୍ଯ୍ୟ କରିବାର ସୁବିଧା ପାଇପାରିବେ। ସରକାର ଇ-ଯାନ ପଲିସିକୁ ଅଗ୍ରାଧିକାର ଦେଇ ଆଗ୍ରହୀ ଉଦ୍ୟୋଗୀ ତଥା କ୍ରେତାମାନଙ୍କୁ ଆକର୍ଷଣୀୟ ଅଫର ପ୍ରଦାନ କରୁଛନ୍ତି। ତାହାର ସୁଯୋଗ ନେଇ ପରିବେଶ ସହ ଭାରସାମ୍ୟ ରକ୍ଷା କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ। ବୈଠକରେ ବହୁ ବିଭାଗୀୟ ଅଧିକାରୀ ତଥା ଇଇଏସ୍ଏଲର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନୀ ସଂକଳ୍ପକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି

**ଭୁବନେଶ୍ୱର,୧୯।୯ (ମହାଭାରତ):** ଦୀର୍ଘ ୬୦ ବର୍ଷ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ମାତ୍ର ନେତା ଯିଏକି ଲଗାତାର ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏକ ଅକିଂଚନ ଓ କ୍ଷୁଦ୍ର ଗ୍ରାମରେ ଜନ୍ମ ନେଇ ବିଶ୍ୱର ସବୁଠୁ ବଡ ଗଣତାନ୍ତ୍ରୀକ ରାଷ୍ଟ୍ର ଭାରତବର୍ଷର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଗରିବ କଲ୍ୟାଣ ଓ ବିକାଶ କାର୍ଯ୍ୟ ପାଇଁ ଦେଶର ରାଜନୀତିରେ ସ୍ଥିରତାର ବାତାବରଣ ସମ୍ଭବ ହୋଇଛି । ଗତ ୧୦ ବର୍ଷରେ ବିଶ୍ୱର ୧୦ଟି ରାଷ୍ଟ୍ର ମୋଦିଜୀଙ୍କୁ ସେମାନଙ୍କ “ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ” ପୁରସ୍କାର ପ୍ରଦାନ କରିଛନ୍ତି । ଯାହା ଭାରତବାସୀଙ୍କୁ ଗୌରାବାନ୍ୱିତ କରିଛି । ମୋଦିଜୀ ଆମ ଦେଶର ପୁରୁଣା ଶିକ୍ଷା ପ୍ରଣାଳିକୁ ସମାହିତ କରି ନୂତନ ଶିକ୍ଷାନୀତି ପ୍ରଣୟନ କରିଛନ୍ତି । “ମେକ୍ ଇନ୍ ଇଣ୍ଡିଆ” ସ୍ଥାପନା କରି ଉତ୍ପାଦନ କ୍ଷେତ୍ରରେ ଆମର ସଫଳତାକୁ ଦ୍ୱିଗୁଣିତ କରିଛନ୍ତି । ଡିଜିଟାଲ ଇଣ୍ଡିଆରେ ଆମ ସଫଳତାକୁ ଦେଖି ବିଶ୍ୱର ଅନ୍ୟାନ୍ୟ ଦେଶଗୁଡିକ ଏହାକୁ ଲାଗୁ କରିବା ପାଇଁ




ଚାହୁଁଛନ୍ତି । ସେହିପରି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ୧୩ଟି ମାପଦଣ୍ଡରେ ଆମେ ଅନ୍ୟ ଦେଶ ତୁଳନାରେ ଆଗରେ ଅଛୁ । ଅନ୍ତରୀକ୍ଷ କ୍ଷେତ୍ରରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ଅଟେ । ବିଦେଶ ନୀତିରେ ଭାରତ ବର୍ଷର ସଫଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଚକିତ କରିଛି । ଅନ୍ୟ ପଟେ ଆସନ୍ତା କାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ୧୦୦ ଦିନ ପୂର୍ତି କରିବ । ନିର୍ବାଚନ ପୂର୍ବରୁ ଜନତାଙ୍କୁ ଦିଆଯାଇଥିବା ସଂକଳ୍ପକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି । ଓଡିଶାବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ମୋଦିଜୀ ଗତ ୧୦ ବର୍ଷରେ ଗରୀବ ବାସହୀନଙ୍କୁ ପକ୍କା ଘର, ଶୌଚାଳୟ, ଗ୍ୟାସ, ବିଜୁଳି, ୫ କିଲୋ ଚାଉଳ ଏବଂ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ଦୀନଦୟାଲ ଯୋଜନା ଅନ୍ତର୍ଗତ ୧୦ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସଂଗଠିତ କରାଯିବା ସହିତ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଦୁତ ସାଜିଛନ୍ତି । ଏଥି ସହ ୧୧ ଲକ୍ଷ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ବିଶ୍ୱକର୍ମା ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି । ଯୁବକମାନଙ୍କ ପାଇଁ ୨ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରାଯାଇଛି ଏବଂ ଏଥିରେ ଆସନ୍ତା ୫ ବର୍ଷରେ ୪.୧୦ କୋଟି ଯୁବକ ଉପକୃତ ହେବେ । ଗତ ୧୦ବର୍ଷରେ ପିଏମ୍ କିଷାନ ଯୋଜନା ଅନ୍ତର୍ଗତ ୯.୫ କୋଟି କୃଷକଙ୍କୁ ୨୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ବର୍ତମାନ ସୁଦ୍ଧା ୧୨.୩୩ କୋଟି କୃଷକଙ୍କୁ ୩ ଲକ୍ଷ କୋଟି ଟଙ୍କା ବିତରଣ କରାଯାଇଛି । ବାସୁମତି ଚାଉଳର ସର୍ବନିମ୍ନ ରପ୍ତାନୀ ମୂଲ୍ୟକୁ ହଟାଇ ଦିଆଯାଇଛି । ପିଆଜ ଉପରେ ରପ୍ତାନୀ ଶୁଳ୍କ ୪୦ ରୁ ୨୦ ପ୍ରତିଶତକୁ କମାଇ ଦିଆଯାଇଛି । ଖରିଫ ଫସଲର ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରାଯାଇଛି । ମକାରୁ ଇଥାନଲ ପ୍ରସ୍ତୁତ ପାଇଁ ସମବାୟ ଚିନିକଳ ଗୁଡିକ ଆଧୁନିକିକରଣ କରାଯାଇଛି । “ଏଗ୍ରିସେୟାର” ନାମରେ ମୋଦିଜୀ ଏକ ନୂତନ ପାଣ୍ଠି ଆରମ୍ଭ କରିଛନ୍ତି । ସେହିପରି ମଧ୍ୟମ ବର୍ଗଙ୍କୁ ଆଶ୍ୱସ୍ତି ପ୍ରଦାନ କରାଯାଇ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କୁ ଟିକସ ମୁକ୍ତ କରାଯାଇଛି ।

## ବନ୍ୟାସ୍ଥିତିର ସମୀକ୍ଷା କଲେ ଉନ୍ନୟନ କମିଶନର

**ଭୁବନେଶ୍ୱର,୧୯।୯ (ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଜଳ ସମ୍ପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଆଜି ସମୟରେ ସେଚ ସଦନ ସ୍ଥିତ ବନ୍ୟା ନିୟନ୍ତ୍ରଣ କକ୍ଷରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ସଂପୃକ୍ତ ମୁଖ୍ୟଯନ୍ତ୍ରୀଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲା ତଥା ସୁବର୍ଣ୍ଣରେଖା ନଦୀ ଅବବାହିକାରେ ସଦ୍ୟତମ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରି ସ୍ଥିତି ସମୀକ୍ଷା କରିଥିଲେ ।

ଅନୁଷ୍ଠିତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଉପରମୁଣ୍ଡରେ ବର୍ଷା ଓ ବନ୍ୟାର ସ୍ଥିତି ସଂପର୍କରେ ଅନୁଧ୍ୟାନ କରିବା ସହିତ ଝାରଖଣ୍ଡ ରାଜ୍ୟର ଜଳସଂପଦ ବିଭଗ ସଚିବ ଶ୍ରୀ ଶାନ୍ତ କୁମାରଙ୍କ ସହିତ କଥା ହୋଇଥିଲେ । ସୁବର୍ଣ୍ଣରେଖାର ରାଜଘାଟ ଠାରେ ଜଳସ୍ତର ଗତ ୨ ଘଂଟା ଧରି ୧୧.୬୦ ମିଟରରେ ସ୍ଥିର ରହିଛି । ପୂର୍ଣ୍ଣିମା ଯୋଗୁଁ ସମୁଦ୍ର ଜୁଆରିଆ ହେତୁ ଜଳ ନିଷ୍କାସନରେ ବିଳମ୍ବ ଘଟୁଛି । ଗତ ୨ ଦିନରେ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟା ସ୍ଥିତିର ଅନୁଧ୍ୟାନ ପାଇଁଜଳ ସଂଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଶ୍ରୀ ଚନ୍ଦ୍ର ଶେଖର ପାଢୀ ବାଲେଶ୍ୱର ଠାରେ ଅବସ୍ଥାନ କରି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି । ଜଳକା ନଦୀର



ଜଳସ୍ତର ବର୍ତ୍ତମାନ ‘ମଥାନୀ’ ସେତୁ ଠାରେ ଆଜି ଦିନ ୯ ଘଟିକା ସମୟରେ ୬.୬ମିଟର ରେ ଥାଇ ଜଳପତନସ୍ତର ତଳକୁ ଖସୁଥିବା ଜଣାଯାଇଛି । ତେଣୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସମୀକ୍ଷାରୁ ଜଣାପଡିଛି। ସେହିପରି ବୁଢାବଳଙ୍ଗ ନଦୀର ଗୋବିନ୍ଦପୁର ଠାରେ ଜଳସ୍ତର ୬.୯୪ ମିଟରରେ ବିଦ ସଙ୍କେତ ତଳେ ଥିବା ଜଣାଯାଇଛି ଏବଂ ଜଳପତନ ସ୍ତର ହ୍ରାସ ।ଉଛି । ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହୋଇଛି। ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ବିଭିନ୍ନ ବୃହତ୍ତ ଓ ମଧ୍ୟମଜଳ ଭଣ୍ଡାରର ଜଳସ୍ତର ସ୍ଥିତିର ସମୀକ୍ଷା କରିଥିଲେ। ଆଜି ସକାଳ ସୁଦ୍ଧା ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର୬୨୮.୯୧ଫୁଟ, ରେଙ୍ଗାଲୀରଜଳସ୍ତର୧୨୧.୯୮ ମିଟର, ଅପର କୋଲାବର ଜଳସ୍ତର ୮୫୬.୯୫ ମିଟର, ବାଲିମେଳା ରେ ଜଳସ୍ତର ୧୫୧୨.୫ଫୁଟ ଏବଂ ଲୋୟର ଇନ୍ଦ୍ରା ର ଜଳସ୍ତର ୨୬୪.୨୧ମିଟର ରହିଥିଲା । ଋଷିକୁଲ୍ୟା ଅବବାହିକାର ଧନେଇ ଡ୍ୟାମକୁ ବାଦଦେଇ ଅନ୍ୟ ସମସ୍ତ ୭ଟି ମଧ୍ୟମ ଜଳଭଣ୍ଡାରର ଜଳସ୍ତର ହାରାହାରି ଜଳସ୍ତର ୪୩% ରହିଛି । ସ୍ଥିତି ଅନୁଧ୍ୟାନ କରି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତବିଭାଗୀୟ ଯନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେବା ସହ ବାଲେଶ୍ୱର ଜିଲ୍ଲାର ଯନ୍ତ୍ରୀ ଏବଂ ଅଧିକାରୀ ମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକତା ଅନୁସାରେ ଦକ୍ଷେ ନେବାକୁ ପରାମର୍ଶଦେଇଛନ୍ତି ।

## ରାଜ୍ୟ ସମବାୟ ବ୍ୟାଙ୍କ କାର୍ଯ୍ୟାବଳୀ ସମୀକ୍ଷା

**ଭୁବନେଶ୍ୱର,୧୯।୯ (ମହାଭାରତ):** ଆଜି ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦିପ ବଳ ସାମନ୍ତଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ରାଜ୍ୟ ସମବାୟ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ, ସମୟ ସହ ତାଳ ଦେଇ ଚାଲିବାକୁ ହେଲେ ବ୍ୟବସାୟିକ ବ୍ୟାଙ୍କରେ ଉପଲବ୍ଧ ଥିବା ସମସ୍ତ ପ୍ରକାର ଗ୍ରାହକ ସେବା ଆମକୁ ଯୋଗାଇ ଦେବାକୁ ହେବ। ମୋବାଇଲ୍ ବ୍ୟାଙ୍କିଙ୍ଗ୍, ଇଂଟରନେଟ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ ପେମେଂଟ୍ ଆଦି ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରେ ଆର୍ଥିକ ସନ୍ତୁଳନ ରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କ୍ରେଡିଟ୍ ଡିପୋଜିଟ୍ ଅନୁପାତରେ ସଂସ୍କାର ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତିରେ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଥିଲା। ଚାଷ ଓ ଚାଷୀଙ୍କ ଉନ୍ନତି ଏବଂ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ରାଜ୍ୟ ସମବାୟ ବ୍ୟାଙ୍କର ସହଭାଗିତା ଅତ୍ୟନ୍ତ ଜରୁରୀ। ୨୦୨୨-୨୩ ଆର୍ଥିକ ବର୍ଷରେ ୩୪.୫୭ ଲକ୍ଷ ଚାଷୀଙ୍କୁ ଶସ୍ୟ ଋଣ ଦିଆଯାଇଥିବା ବେଳେ ୨୦୨୩-୨୪ ବର୍ଷରେ ୩୬.୩୧ ଚାଷୀଙ୍କୁ ଋଣ ଦିଆଯାଇଛି। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଚାଷ ପାଇଁ ୧୭.୭୫ ଲକ୍ଷ ଚାଷୀଙ୍କୁ ୧୮୬୦୬.୨୮ କୋଟି ଟଙ୍କାର ଶସ୍ୟ ଋଣ ଦିଆସରିଛି ।

ଏହି ସମୀକ୍ଷା ବୈଠକରେ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ କୁମାର ଦାଶ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଯୁଗ୍ମ ଶାସନ ସଚିବ ସଂଗ୍ରାମ କିଶୋର ରାଉତ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ କୁଳମଣି ପାଢ଼ୀ, ପରିଚାଳନା ନିର୍ଦ୍ଦେଶକ ପ୍ରଭୁ କଲ୍ୟାଣ ପଟ୍ଟନାୟକ, ମହାପ୍ରବନ୍ଧକ ଅଶୋକ ଦାସ ଓ ପ୍ରବୋଧ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାଜରାସ୍ତାରେ ତାଲିବାନୀ ଆତଙ୍କ : ୬ ଗିରଫ

**ଭୁବନେଶ୍ୱର,୧୯।୯ (ମହାଭାରତ):** ପାକିସ୍ତାନ କି ଆଫଗାନିସ୍ଥାନ ନୁହେଁ । ରାଜଧାନୀ ଭୁବନେଶ୍ୱରର ଜନପଥରେ କିଛି ସଂଖ୍ୟାଲଘୁ ଯୁବକ ତାଲିବାନୀ ଷ୍ଟାଇଲରେ ବେପରୁଆ ଭାବେ ଗାଡ଼ି ଚଳାଇ ଆତଙ୍କ ସୃଷ୍ଟି କରିଥିଲେ। ଗୋଟିଏ କି ଦୁଇଟି ଗାଡ଼ି ନୁହେଁ, ଏକାସାଙ୍ଗରେ ୪ଟା ଗାଡ଼ିରେ ସେମାନେ ରାସ୍ତାରେ ବୁଲି ବୁଲି ପାକିସ୍ତାନ ଜିନ୍ଦାବାଦ ଧ୍ୱନି ଦେଇଥିଲେ।

ଟ୍ରାଫିକ୍ ନିୟମକୁ ତ ମାନି ନଥିଲେ, ଓଲଟା ଟ୍ରାଫିକ୍ ପୁଲିସକୁ ଗାଡ଼ି ଚାଇ ମାରି ଦେବାକୁ ଉଦ୍ୟମ ମଧ କରିଥିଲେ। ଆଶ୍ଚର୍ଯ୍ୟର କଥା, ଏ ସମ୍ପର୍କରେ କମିସନରେଟ୍ ପୁଲିସ୍ ସୂଚନା ବି ପାଇ ନଥିଲା। ବେପରୁଆ ଗାଡ଼ି ଚାଳନା ଭିଡିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବା ପରେ ସ୍ପେସାଲ୍ ସ୍କ୍ୱାଡ୍ ତତ୍ପର ହୋଇଥିଲା ଏବଂ ଏହି ଯୁବକମାନଙ୍କୁ ଖୋଜିଥିଲା। ୬ ଜଣଙ୍କୁ ଧରିବା ସହ ୩ଟି ଗାଡ଼ି ଜବତ କରି ଖାରବେଳନଗର ଥାନାକୁ ହସ୍ତାନ୍ତର କରିଛି। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ୍ କହିଛି। ଗିରଫ ୬ ଜଣଙ୍କ ମଧ୍ୟରେ ୪ ଜଣ ନାବାଳକ ଥିବା ପୁଲିସ୍ କହିଛି। ଅନ୍ୟ ୫ ଜଣ ଏକ ଗାଡ଼ିରେ ଫେରାର ହୋଇଯାଇଛନ୍ତି।

ସୋମବାର ସମୟ ପ୍ରାୟ ସକାଳ ସାଢ଼େ ୯ଟା ହେବ। ୪ଟି ଗାଡ଼ି ଝାରପଡ଼ା ମସଜିଦ୍ ବସ୍ତିରୁ ବାହାରିଥିଲେ। ଗାଡ଼ି ଗୁଡ଼ିକ ହେଲା ଟାଟା ସଫାରୀ (ଓଆର୧୪ଏକ୍ସ୪୭୨୮), କ୍ରେଟା(ଓଡି୦୨ ସିଆର ୦୦୯୨), ଆଇ-୨୦ ଓ ମହେନ୍ଦ୍ର ଏକ୍ସୟୁଭି (ଓଡି୦୨ସିଏମ୍‌୪୬୧୬) ସେଥିରେ ୧୨ରୁ ୧୪ ଜଣ ଥିଲେ। ସନ୍ ରୁଫ୍ ଓ ଡୋରରେ ମୁଣ୍ଡ ବାହାରକୁ ବାହାର କରି ନିର୍ଦ୍ଦିଷ୍ଟ ପତାକା ଉଡ଼ାଇବା ସହ ପାକିସ୍ତାନ ଜିନ୍ଦାବାଦ ଧ୍ୱନି ଦେଇ ରାସ୍ତାରେ ଆତଙ୍କ ଖେଳାଇଥିଲେ। ଝାରପଡ଼ାରୁ ଏହି ୪ଟି ଗାଡ଼ି ସତ୍ୟନଗର ବିଗବଜାର ଦେଇ ଜନପଥରେ ପହଞ୍ଚି ବାଣୀବିହାର ଆଡ଼କୁ ଯାଉଥିଲା । ଏମାନଙ୍କ ଆତଙ୍କରେ ରାସ୍ତାରେ ଯାଉଥିବା ଲୋକ ଭୟଭୀତ ହୋଇପଡ଼ିଥିଲେ। ଯଦି କୌଣସି ଗାଡ଼ି ଏମାନଙ୍କ ସାମ୍ନାକୁ ଚାଲି ଆସୁଥିଲା ସେମାନେ ଅଶ୍ଳୀଳ ଭାଷାରେ ଗାଳି ବି କରୁଥିଲେ। ଆଶ୍ଚର୍ଯ୍ୟ କଥା, ଏହି ସଂଖ୍ୟାଲଘୁ ନାବାଳକମାନେ ଅଧିକ ଉତ୍ପାତ କରୁଥିଲେ। ଯଦି କୌଣସି ସ୍ଥାନରେ ଟ୍ରାଫିକ୍ ଜାମ୍ ରହୁଥିଲା ସେମାନେ ଫୁଟପାଥରେ ଗାଡ଼ି ଚଢ଼ାଇ ଦେଉଥିଲେ। କାହର ଗାଡ଼ି ସ୍ପିଡ୍ ୬୦ ତ’ ପୁଣି କାହାର ୮୦ ଡେଉଁଥିଲା। ଏ ସବୁ ଦେଖି ବାଟରେ ଯାଉଥିବା ଲୋକମାନେ ଭିଡିଓ କରିବା ଛଡ଼ା କିଛି ଉପାୟ ପାଉ ନଥିଲେ।

## ରାଜ୍ୟ ସରକାରଙ୍କ ଶହେ ଦିନର ସଫଳତା ଅପେକ୍ଷା ବିଫଳତା ତାଲିକା ଲମ୍ବା

**ଭୁବନେଶ୍ୱର,୧୯।୯ (ମହାଭାରତ):** ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଅରୁଣ ସାହୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶହେ ଦିନର ବିଫଳତା ଗୁଡିକ ଉପରେ ଆଲୋକପାତ କରିଥିଲେ। ବିଜେପି ଦ୍ୱାରା ଦାବୀ କରାଯାଉଥିବା ବିଭିନ୍ନ ସଫଳତା ଉପରେ ମନ୍ତବ୍ୟ ଦେଇ ଶ୍ରୀ ସାହୁ କହିଥିଲେ, ଖଜୁରୀ ଗଛର କି ଗୁଣ ଗାଇବି ନା, ମୂଳରୁ ପାହାଚ ପାହାଚ। ତୁଳସୀ ଦୁଇ ପତ୍ରରୁ ବାସେ ପରି ରାଜ୍ୟ ସରକାରଙ୍କ ଶହେ ଦିନର କାର୍ଯ୍ୟକ୍ରମରୁ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନର ବିଜେପି ସରକାରଙ୍କ ସମୟରେ ଓଡିଶାର୍ବିକାଶ ଦୁଇ ପାଦ ପଛକୁ ଯିବ। ଶ୍ରୀ ସାହୁ କହିଥିଲେ, ଗତ ନିର୍ବାଚନରେ, ବିଜେପି ତାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ, ବାର୍ଦ୍ଧକ୍ୟ ଭତ୍ତାକୁ ୩୦୦୦ ଟଙ୍କାକୁ ବୃଦ୍ଧି କରିବ କିନ୍ତୁ ରାଜ୍ୟ ବଜେଟରେ କେବଳ ୮୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କ ଓ ୮୦ ପ୍ରତିଶତରୁ ଉର୍ଦ୍ଧ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ମାସିକ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରା ଯାଇଛି। ତେଣୁ ରାଜ୍ୟର ୮୦ ଭାଗ ଭତ୍ତାଧାରୀ ରାଜ୍ୟ ସରକାରଙ୍କ ପ୍ରବଞ୍ଚନାର ଶିକାର ହୋଇଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ସରକାରକୁ ଆସିଥିବା ବିଜେପି ରାଜ୍ୟରେ



ଓଡିଆଙ୍କୁ ନ୍ୟାୟ ଦେବାରେ ବିଫଳ ହେଉଛି, ଯାହା ଆମେ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଜଣେ ଓଡ଼ିଆ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରୁ ଦେଖିଲେ। ଘଟଣାଟି, ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିଲେହେଁ ରାଜ୍ୟ ସରକାର ଏହି ଘଟଣାରେ ନ୍ୟାୟ ପ୍ରଦାନ ଦୂରେ ଥାଉ, ସାମାନ୍ୟ କେସଟିଏ ମଧ କରି ପାରିଲେ ନାହିଁ ବୋଲି ଶ୍ରୀ ସାହୁ କହିଥିଲେ। ଶ୍ରୀ ସାହୁ ଆହୁରି କହିଥିଲେ, ଚିକିଟି ମଦ ମୃତ୍ୟୁ ଘଟଣାରେ ପାଞ୍ଚ ଜଣଙ୍କ ଜୀବନ ଯାଇଥିଲା ଯାହା ରାଜ୍ୟ ସରକାରଙ୍କ ଆଉ ଏକ ବିଫଳତା ଥିଲା। ଏହି ଘଟଣାରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପରିବାରଙ୍କୁ ଏ ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଇ ପାରିନାହିଁ। ସେହିପରି, ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ରାଜ୍ୟରେ ସାମ୍ପ୍ରଦାୟିକ ଉତ୍ତେଜନା ଓ ଦଙ୍ଗା ଭଳି ସ୍ଥିତି ଏକାଧିକ ସ୍ଥାନରେ ଉପୁଜିଥିଲା, ଯାହା ବେଶ କିଛି ଦିନ ପର୍ଯ୍ୟନ୍ତ ଉତ୍ତେଜନା ମୂଳକ ସ୍ଥିତି ସୃଷ୍ଟି କରିଥିଲା। ସେହିପରି ଏହି ଶହେ ଦିନ ଭିତରେ ରାଜ୍ୟରେ ଏକାଧିକ ନାବାଳିକା ଧର୍ଷଣ ଓ ହତ୍ୟା ଘଟଣା ଲୋକଲୋଚଙ୍କୁ ଆସିଛି। ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନଥିବା ସ୍ପଷ୍ଟ ହେଉଛି। ଖୋଦ ରାଜଧାନୀରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ଉପରେ ଅମାନବୀୟ ଅତ୍ୟାଚାର ରାଜ୍ୟର ପୋଲିସ ପ୍ରଶାସନର ସ୍ଥିତିକୁ ଦର୍ଶଉଛି। ନାମ ଓ ରଙ୍ଗ ପରିବର୍ତ୍ତନରେ ସିଦ୍ଧହସ୍ତ ହୋଇଥିବା ଏହି ସରକାରଙ୍କ ସମୟରେ ରାଜ୍ୟର ପୋଲିସ ଥାନା ଗୁଡିକ ମଧ ବିଜେପିର ଦ୍ୱିତୀୟ ଅଫିସରେ ପରିଣତ ହୋଇଛି। ସେହିପରି ରାଜ୍ୟର ଅନୁନ୍ୟ ପଚାଶ ହଜାର ଶିକ୍ଷକଙ୍କୁ ବିଜେପିର ସଦସ୍ୟତା ପ୍ରଦାନ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ଯାହା ହେଲେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଉପରେ କୁପ୍ରଭାବ ପଡିବ। ତାଛଡ଼ା, ଶିକ୍ଷକ ମାନେ ନିର୍ବାଚନ ଦାୟିତ୍ୱ ତୁଲାଉଥିବାରୁ, ନିରପେକ୍ଷ ନିର୍ବାଚନ ମଧ ସମ୍ଭବ ହେବ ନାହିଁ ବୋଲି ଶ୍ରୀ ସାହୁ କହିଥିଲେ।ଶ୍ରୀ ସାହୁ କହିଥିଲେ, ରାଜ୍ୟ ବିଜେପି ସରକାର ସୁଭଦ୍ରା ଯୋଜନା ଉପରେ ଅନେକ ବାହାସ୍ଫଟ ମାରୁଥିଲେହେଁ, ବାସ୍ତବରେ ସୁଭଦ୍ରା ଯୋଜନାରେ ସରକାର ରାଜ୍ୟର ମହିଳା ମାନଙ୍କୁ ପ୍ରତାରଣ କରିଛନ୍ତି।

## ବୁଲଡୋଜର କାର୍ଯ୍ୟାନୁଷ୍ଠାନରେ ରୋକ

ଜଣେ ବେଆଇନ ନିର୍ମାଣ କରିଥିଲେ ମଧ୍ୟ ତାଙ୍କୁ ନୋଟିସ ଦିଆଯାଇ ଏହାକୁ ଭଙ୍ଗାଯାଏ। ଜଣେ ଅଭିଯୁକ୍ତର ଘର ଭାଙ୍ଗିବା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ଏପରିକି ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ, ସେ ଯେତେ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ ମଧ୍ୟ ତାଙ୍କ ଘର ଭାଙ୍ଗିବାର ଅଧିକାର ପ୍ରଶାସନର ନାହିଁ। କାରଣ ସେହି ଘରେ ଅନ୍ୟ ଲୋକ ବିଶେଷ କରି ମହିଳାଳ ଶିଶୁ ଏବଂ ବରିଷ୍ଠ ନାଗରିକ ରହିଥାଇପାରନ୍ତି। ସେମାନଙ୍କର କ'ଣ ଦୋଷ ? ଜଣେ ଅପରାଧ କରିବ, ଆଉ ୫ ଜଣ ଦଣ୍ଡ ପାଇବେ ସେ କଥା କେଉଁ ସମ୍ବିଧାନରେ ଉଲ୍ଲେଖ ଅଛି ? ହତ୍ୟା ଅପରାଧରେ ଯିଏ ଫାଶୀ ପାଉଛି, ତାଙ୍କ ପରିବାରର ଅନ୍ୟ ଲୋକଙ୍କର ବଂଚିବାର ଅଧିକାର ରହିଛି। ଏହାକୁ କେହି ଛଡ଼ାଇ ନେଇପାରିବେ ନାହିଁ। ଏହା ମାନବାଧିକାର ଉଲ୍ଲଘଂନର ବଡ଼ ଉଦାହରଣ। ବିଗତ କିଛି ବର୍ଷ ହେବ ୟୁପି, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଏଭଳି ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁଛି। ଅପରାଧିଙ୍କ ବିଚାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରଥମ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ଘର ଭାଙ୍ଗି ଦିଆଯାଉଛି। ସାଧାରଣ ଲୋକେ ଏହାକୁ ସ୍ୱାଗତ କରୁଛନ୍ତି। କିନ୍ତୁ ଏହା ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ମିଛ ଏନକାଉଣ୍ଟରରେ ଅପରାଧୀଙ୍କୁ ମାରିବା ଯାହା ଘର ଭାଙ୍ଗିବା ତାହା। ଆମ ଆଇନ ବ୍ୟବସ୍ଥାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟରେ ତାଙ୍କ ପକ୍ଷ ରଖିବାକୁ ପୁରା ସୁଯୋଗ ଦିଆଯାଇଥାଏ। ସେଥିପାଇଁ କସବକୁ ଅଦାଲତରେ ନିଜ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଥିଲା। କାରଣ ଭାରତୀୟ ଆଇନର ମୂଳଭିତ୍ତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇଯାଆନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ। ତେଣୁ ଅଦାଲତରେ ବିଚାର ବେଳେ ବିଚାରପତି ସବୁ ବେଳେ ଦେଖନ୍ତି କାଳେ କେହି ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ସେଥିପାଇଁ ଅନେକ ସମୟରେ ଅଦାଲତ ସାମାନ୍ୟତମ ସନ୍ଦେହ ବା ବେନିଫିଟ ଅଫ ଡାଉଟରେ ଅଭିଯୁକ୍ତଙ୍କୁ ଖଲାସ କରି ଦିଅନ୍ତି। ସେଠାରେ କେତେକ ବ୍ୟକ୍ତି ଆମ ଆଇନ ବ୍ୟବସ୍ଥାରେ ତ୍ରୁଟି ରହିଛି ବୋଲି କହନ୍ତି। ସେ କଥା କେତେକାଂଶରେ ସତ, ମାତ୍ର ତା ଅର୍ଥ ନୁହେଁ ଯେ, ଭଲଭାବେ ବିଚାର ନକରି ବା ତର୍ଜମା ନକରି ଜଣେ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା। ଅନେକ ସମୟରେ ଲୋକେ ଅପରାଧୀଙ୍କୁ ଏନକାଉଣ୍ଟର ବା ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରନ୍ତି। ଏହାର କାରଣ ହେଲା ସେମାନେ ଭାବନ୍ତି ପ୍ରଚଳିତ ଆଇନ ବ୍ୟବସ୍ଥାରେ ଅପରାଧୀଙ୍କୁ ଦଣ୍ଡ ମିଳିବା ଆଶା କମ ଅଥବା ସେମାନେ ଆଇନର ଗଳାବାଟରେ କସିଯିବେ। କିମ୍ବା ଦଣ୍ଡ ବିଧାନ ଲାଗି ଅନେକ ବର୍ଷ ଲାଗିଯିବ। ଏଭଳି ଚିନ୍ତାର ଯଥାର୍ଥତା ରହିଛି। ସାଧାରଣ ଜନତା ଅପରାଧୀଙ୍କ ପ୍ରତି ତୁରନ୍ତ ଦଣ୍ଡ ବିଧାନ ଆଶା କରନ୍ତି। ଯେତେବେଳେ ତୁରନ୍ତ ଦଣ୍ଡ ବିଧାନ ଆଶା କ୍ଷୀଣ ହୋଇଯାଏ ସେତେବେଳେ ସେମାନେ ତତ୍କାଳ ନ୍ୟାୟ ପାଇଁ ଏଭଳି ଏନକାଉଣ୍ଟର ବା ବୁଲଡୋଜର ଆକ୍ସନକୁ ସ୍ୱାଗତ କରନ୍ତି। ଏହା ନ୍ୟାୟ ସଙ୍ଗତ ନୁହେଁ, ଏକଥା ସେମାନେ ବୁଝନ୍ତି ନାହିଁ। ଏଥିପାଇଁ ସାଧାରଣ ଲୋକଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ଯଦି ସରକାର ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ପଦକ୍ଷେପ ନିଅନ୍ତେ ଏବଂ ଅଧିକରୁ ଅଧିକ ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା କରି ଜଘନ୍ୟ ଅପରାଧିଙ୍କ ପ୍ରତି ସଠିକ ସମୟରେ ଦଣ୍ଡବିଧାନ ବ୍ୟବସ୍ଥା କରନ୍ତେ ତେବେ ହୁଏତ ଏଭଳି ବୁଲଡୋଜର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ପଡ଼ାନ୍ତା ନାହିଁ। ସୁପ୍ରିମକୋର୍ଟଙ୍କ କ୍ଷୋଭ ପ୍ରକାଶ ପରେ ହୁଏତ ବୁଲଡୋଜର କାର୍ଯ୍ୟାନୁଷ୍ଠାନରେ ରୋକ ଲାଗିପାରେ।

# ନୈତିକ ଶିକ୍ଷାର ଗୁରୁତ୍ୱ

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

> "ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ।

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୂର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୁଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ।

ଆଧୁନିକ ମନୁଷ୍ୟ ସୁଖ ସ୍ୱାଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ।

ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ।

ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି।

ପୁର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୁର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି।

ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି।

ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଉଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।

ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।

ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭

# ଶତାୟୁ ହୀରାବେନ ଓ ଜୀବନ ମୂଲ୍ୟବୋଧ

॥ ଶରତ କୁମାର ସାହୁ ॥

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ହୀରାବେନଙ୍କ ୧୦୦ ବର୍ଷର ସଂଘର୍ଷ ଭାରତୀୟ ଆଦର୍ଶର ଏକ ପ୍ରତୀକ। ମୋଦୀଜୀ ମାତୃଦେବୋଭବ ଏବଂ ହୀରାବେନଙ୍କ ମୂଲ୍ୟବୋଧକୁ ତାଙ୍କ ଜୀବନରେ ଗ୍ରହଣ କରିଛନ୍ତି। ମା' ହେଉଛି ଜଣେ ବ୍ୟକ୍ତି ଜୀବନର ପ୍ରଥମ ବନ୍ଧୁ ଏବଂ ଶିକ୍ଷକ। ମା'କୁ ହରାଇ ଦେବାର ଦୁଃଖ ଅବିଶ୍ୱସନୀୟ ଭାବେ ବିଶ୍ୱରେ ସବୁଠାରୁ ବଡ଼ ଯନ୍ତ୍ରଣା। ତାଙ୍କର ତ୍ୟାଗ ଏବଂ ତପସ୍ୱୀ ଜୀବନ ସବୁବେଳେ ପ୍ରତିଟି ଭାରତୀୟଙ୍କ ସ୍ମୃତିରେ ରହିବ। ଏଭଳି ଦୁଃଖ ସମୟରେ ସମଗ୍ର ଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଅଛି। କୋଟି ଲୋକଙ୍କ ପ୍ରାର୍ଥନା ପ୍ରଧାନମନ୍ତ୍ରୀଙ୍କ ସହ ରହିଛି। ଜଣେ ମା'ର ମୃତ୍ୟୁ ଜଣଙ୍କ ଜୀବନରେ ଯେଉଁ ଶୂନ୍ୟସ୍ଥାନ ଛାଡ଼ିଯାଏ। ତାହା କେବେ ବି ପୂରଣ ହୋଇପାରେନା। ସେ ଜଣେ ଶତାୟୁ ଥିଲେ ଯିଏ ସମ୍ପୂର୍ଣ୍ଣ ଜୀବନ ଜିଇଁଛନ୍ତି। କିନ୍ତୁ ମା' ସବୁବେଳେ ପାଖରେ ରହି ଶକ୍ତି ଦେଉଥାଉ ବୋଲି ଜଣେ ଚାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ହୀରାବେନ ମୋଦୀଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା। ଚଳିତବର୍ଷ ଜୁନ ୧୮ ତାରିଖରେ ହୀରାବେନ ୧୦୦ ବର୍ଷ ବୟସରେ ପଦାର୍ପଣ କରିବା ସମୟରେ ମୋଦିଜୀ ତାଙ୍କ ମା'ଙ୍କ ପାଦ ଧୋଇ ଆଶୀର୍ବାଦ ନେଇଥିଲେ। ମା'ଙ୍କ ୧୦୦ତମ ଜନ୍ମଦିନରେ ମୋଦିଜୀ ଏକ ଭାବପ୍ରବଣ ବ୍ଲଗ ଲେଖିଥିଲେ। ଏଥିରେ ସେ ତାଙ୍କ ମା'ଙ୍କ ସରଳ ଜୀବନ ବିଷୟରେ ଲେଖିଥିଲେ। ମୋଦୀଙ୍କ ଏହି ପୁରୁଣା ବ୍ଲଗ ପୁଣିଥରେ ଭାଇରାଲ ହେବାରେ ଲାଗିଛି। ମୋଦିଜୀ ଲେଖିଥିଲେ ମୋ ମା' ଅତି ସରଳ ଏବଂ ଅସାଧାରଣ। ଉତ୍ତର ଗୁଜୁରାଟର ମେହସନା ଜିଲ୍ଲା ଅଧୀନସ୍ଥ ବିସନଗର ଗ୍ରାମରେ ଏକ ଗରିବ ପରିବାରରେ ସେ ଜନ୍ମ ହୋଇଥିଲେ। ଖୁବ କମ ବୟସରେ ନିଜ ମା'ଙ୍କୁ ହରାଇ ଦେବାପରେ ମୋ ମାଙ୍କୁ ବୟସରେ ସେ ବଡ଼ନଗରର ଦାମୋଦରଦାସଙ୍କୁ ବିବାହ କରିଥିଲେ।

ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ଦେବା ପାଇଁ ହୀରାବେନ ନିଜେ କାମ କରିବା ଆରମ୍ଭ କଲେ। ସେ ତୁଳା ଫ୍ୟାକ୍ଟ୍ରିରେ କାମ କରୁଥିଲେ ଏବଂ ଅନ୍ୟ ଘରେ ବାସନ ସଫା କରୁଥିଲେ। ତାଙ୍କ ଦୈନିକ ରୋଜଗାର ୪.୫ଟଙ୍କା ଥିଲା। ଖୁବ କମ ପାଖ ପଢ଼ିଥିଲେ ମଧ ସେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଚାହିଁଥିଲେ। ପିଲାମାନଙ୍କ ପାଠପଢ଼ା ପାଇଁ ନିଜେ ସବୁ ଖର୍ଚ୍ଚ ବହନ କରୁଥିଲେ। ମୋଦୀ ଏକ ଉଦାହରଣ ଦେଇ କହିଛନ୍ତି, ଥରେ ତାଙ୍କ ଘରର ଅସ୍ଥାୟୀ ଛାତ ସଜାଡ଼ିବା ଦରକାର ପଡ଼ିଥିଲା। ତାଙ୍କ ମା'ନିଜେ ଘରେ ଉପରେ ଚଢ଼ି ଏହି କାମ କରିଥିଲେ। ସେମାନେ ସେ ସମୟରେ ମାଟି ଘରେ ରହୁଥିଲେ। ଅସରାଏ ବର୍ଷା ହେଲେ ଘରେ ପାଣି ଲହଡ଼ା ମାରୁଥିଲା। କିନ୍ତୁ ହୀରାବେନ ବହୁ ସଂଘର୍ଷ କରି ପରିବାର ଚଳାଇଥିଲେ। ନିଜର ୫ ପୁଅ ଏବଂ ଏକମାତ୍ର ଝିଅକୁ ସେ ଅତି ଶୃଙ୍ଖଳିତ ଭାବେ ବଢ଼ାଇଛନ୍ତି।

ଭାରତର ପ୍ରିୟ ଦୃଢ଼ ଓ ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମାପୂଜ୍ୟନୀୟା ମାତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ତାଙ୍କ ଜୀବନ ମୂଲ୍ୟବୋଧ ପାଇଁ ଉତ୍ସର୍ଗୀକୃତ ଥିଲା। ଅତି ଜଟିଳ ସମୟରେ ଭଗବାନଙ୍କ ଉପରେ ଅତୁଟ ବିଶ୍ୱାସ ଓ ତାଙ୍କର ବଳିଷ୍ଠ ନିଷ୍ଠେ ଓ ମୂଲ୍ୟବୋଧ ପାଇଁ ପୂଜ୍ୟନୀୟା ହୀରାବେନଙ୍କ ଜୀବନ ଏକ ଉଦାହରଣ। ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳୁ।

'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ହିନ୍ଦୋଳରେ ବିଦ୍ୟୁତ ନେଲା ଜଣକ ଜୀବନ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଆଜି ବିଦ୍ୟୁତ ଆଘାତରେ ଚାଲିଯାଇଛି ଏକ ନିରୀହ ଜୀବନ।ଖବରରୁ ପ୍ରକାଶ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଗୁଳେହି ପଂଚାୟତ ବଙ୍ଗୁ ଗ୍ରାମର ସ୍ୱର୍ଗତ କୀର୍ତ୍ତନ ସାହୁଙ୍କ ପୁଅ ଶ୍ରୀନିବାସ ସାହୁ(୫୫) ଆଜି ଦିନ ୧୧ଘଣ୍ଟା ସମୟରେ ନିଜଘର ସାମ୍ନାରେ ଥିବା ବାଡ଼ି କୂଅରେ ଏକ ବିଦ୍ୟୁତ ତାର ସଂଯୋଗକରି ସେଥିରେ ପାଣିପମ୍ପ ଲଗାଉଥିବା ସମୟରେ ହଟାତ ବିଦ୍ୟୁତଚାର୍ଜ ହୋଇ ଯିବାରୁ ଗୁରୁତର ଆହତ ହୋଇ ପଡ଼ିଥିଲେ। କିଛି ସମୟପରେ ଘଟଣାଦେଖି ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଶ୍ରୀନିବାସଙ୍କୁ ଆମ୍ବୁଲାନ୍ସ ଯୋଗେ ହିନ୍ଦୋଳ ଡାକ୍ତରଖାନା ଆଣିଥିଲେ ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣା ପଡିଛି।ଏହି ବାବଦରେ ହିନ୍ଦୋଳ ଥାନାରେ ଅଭିଯୋଗ ହେବାପରେ ହିନ୍ଦୋଳ ଥାନା ପୋଲିସ ଶବ ଜବତ କରି ଇଉଡି(ଟଡ଼) କେଶ ନଂ -୧୩/୨୦୨୪ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ର କାରଣ ଜଣା ପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।ଉଲ୍ଲେଖ ଯୋଗ୍ୟ ମୃତ ଶ୍ରୀନିବାସ ଜଣେ ଭଲ ଢ଼ାବା ମିସ୍ତ୍ରୀ ଥିଲେ ଓ ଖଜୁରିଆକାଟାର ଏକ ଢ଼ାବାରେ ରହି କାର୍ଯ୍ୟ କରୁଥିଲେ ଏବଂ ଘଟଣା ପୂର୍ବଦିନ କାର୍ଯ୍ୟରୁ ଛୁଟି ନେଇ ଘରକୁ ଆସିଥିବାବେଳେ ଏହିପରି ଦୁଃଖଦ ଅଘଟଣ ଘଟିଥିଲା।ପରିବାରର ଏକମାତ୍ର ରୋଜଗାରକ୍ଷମ ଶ୍ରୀନିବାସଙ୍କ ଦୁଃଖଦ ଅକାଳ ମୃତ୍ୟୁରେ ପରିବାରବର୍ଗ ଭାଙ୍ଗି ପଡ଼ିଥିବା ବେଳେ ମୃତକଙ୍କ ପରିବାରଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଚାକିରୀ ଦେବା ନାମରେ ଠକେଇ ଦୁଇ ଫରୱାର୍ଡ,ମୁଖ୍ୟ ଆସାମି ଭୁବନେଶ୍ୱରରୁ ଗିରଫ

ବାଲିଗୁଡା(ମହାଭାରତ): କନ୍ଧମାଳ ଜିଲ୍ଲା ସାରଙ୍ଗଗଡ ଥାନାରେ ଚାକିରୀ ଦେବା ଠକେଇ ନା ରେ ଦୁଇଜଣ କୋର୍ଟ ଫରୱାଡ ସହିତ ମୁଖ୍ୟ ଆସାମୀ ରାଜଧାନିରୁ ଗିରଫ। ମେଡିକାଲ ଓ ଡାଟାଏଣ୍ଟ୍ରି ରେ ଚାକିରୀ କରାଇଦେବାକୁ କହି ୮ଜଣକ ଠାରୁ ୬ଲକ୍ଷ୨୦ହଜାର ଟଙ୍କା ଠକେଇ ଅଭିଯୋଗରେ ସାରଙ୍ଗଗଡ ଥାନାରେ ଏତଲା ହୋଇଥିଲା ଯସାରଙ୍ଗଗଡ ଥାନା ଆଇଆଇସି ବଧୁଲିକା ବିଶ୍ୱାଳ ତିନିଜଣ ନାମରେ କେସରୁଜ କରି ତଦନ୍ତ ଚଳାଇଥିଲେ । ଠକେଇର ଶୀକାର ହୋଇଥିବା ବୁଦ୍ଧଦେବ ପ୍ରଧାନଙ୍କ ଏତଲା ପ୍ରକାରେ ୯୮/୨୪ ଏକ କେସରୁଜ ହୋଇଥିବା ବେଳେ ରାଜ ସଂବ□ ମହାନ୍ତି ଙ୍କ ଏତଲା ପ୍ରକାରେ ୧୦୪/୨୪ ରେ କେସ ରୁଜୁ କରିଥିଲେ ପୋଲିସ ।ଠକେଇ ରେ ସାମିଲ୍ ଥିବା କନ୍ଦର୍ପ ନାୟକକୁ ସାରଙ୍ଗଗଡ ଅଞ୍ଚଳରୁ ପୋଲିସ ଗିରାଫ କରିଥିବା ବେଳେ ଗୁଣୁପୁରୁ ଅଞ୍ଚଳରୁ ଜ୍ୟୋତି ପ୍ରକାଶ ଦଣ୍ଡସେନା ଗିରାଫ ହୋଇ ୨/୯/୨୪ରେ ଦୁହେଁକୁ ପୂର୍ବରୁ ପୋଲିସ କୋର୍ଟ ଫରୱାଡ କରିଥିଲେ ଯଗତକାଲି ଏହି ଠକେଇ ର ମୁଖ୍ୟ ମାଷ୍ଟରମାଇଣ୍ଡ ରଞ୍ଜିତ ପଟ୍ଟନାୟକ କୁ ସାରଙ୍ଗଗଡ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱର ଲକ୍ଷ୍ମିସାଗର ଅଞ୍ଚଳରୁ ଗିରାଫ କରିଥିବା ଏକ ପ୍ରେସମିଟରେ ଜିଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ପ୍ରତିକ୍ରୀୟା ଦେଇଛନ୍ତି ।ଠକେଇରେ ଶୀକାର ହୋଇଥିବା ଯୁବକ, ଯୁବତୀମାନେ ଜଣକ ପିଛା ୭୦ହଜାରରୁ ୯୦ହଜାର ଟଙ୍କା ଦେଇଥିବା କହିଛନ୍ତି କିନ୍ତୁ ସମସ୍ତ ଟଙ୍କା ଆସାମୀ ମାନେ ଫୋନପେ ଓ ଆକାଉ□ ମାଧମରେ ନେଇଥିବା ପ୍ରମାଣ ପୋଲିସ ହାତରେ ଲାଗିଛି କିନ୍ତୁ ବର୍ତ୍ତମାନ ସୁଦ୍ଧା ପୋଲିସ ଆସାମୀ ମାନଙ୍କ ଠାରୁ କୈଣସି ଟଙ୍କା ଜବତ କରିବାରେ ସଫଳ ହୋଇନାହିଁ ।ସମୁଦାୟ କେତେଜଣ ଠକେଇର ଶିକାର ହୋଇଛନ୍ତି, କେତେ ଟଙ୍କା ଠକେଇ କରିଛନ୍ତି ଆସାମୀ ମାନେ, ଏହାର ଚେର ସାରଗଂଡରୁ ରାଜଧାନୀ ପର୍ଯ୍ୟନ୍ତ ଅଛି ନା ଆଉ କୋଉଠିକି ଲମ୍ବିଛି। ଏହି ଠକେଇରେ ଆଉ କେଉଁ ମାନେ ସଂପୃକ୍ତ ଅଛନ୍ତି କି ତାହା ଉପରେ ପୋଲିସ ଅଧିକ ତଦନ୍ତ ଚଳାଇଥିବା କହିଛନ୍ତି ଜିଉଦୟଗୀରି ଏସଡିପିଓ।

## ଜିଲ୍ଲା ବାଲିଘାଟ ସର୍ବେକ୍ଷଣ ବିଭାଗର ଆସିକାର ବିଭିନ୍ନ ନଦୀପଠା ନିରୀକ୍ଷଣ




ଆସିକା (ମହାଭାରତ): ଜିଲ୍ଲା ବାଲିଘାଟ ସର୍ବେକ୍ଷଣ ରିପୋର୍ଟ ବିଭାଗ ଅଧିକାରୀ ଆସିକାର ବିଭିଓ ନଦୀପଠା ନିରୀକ୍ଷଣ କରିଛନ୍ତି। ରାଜ୍ୟ ସରକାର ଙ୍କ ନିୟମ ଅନୁଯାୟୀ ପ୍ରତି ୫ବର୍ଷକୁ ଥରେ ଜିଲ୍ଲାର ବିଭିଓ ନଦୀ ପଠା ପରିଦର୍ଶନ କରି ନୂତନ ବାଲି ସୈରାତ ନିର୍ଣ୍ଣୟ କରାଯିବା ର ନିୟମ ରହିଛି।ଏହି କ୍ରମରେ ଆଜି ଆସିକା ତହସିଲ ର ଦୁଇଟି ନଦୀ ଯଥା ବଡ଼ନଦୀ ଓ ଋଷିକୂଲ୍ୟା ର ବିଭିଓ ନଦୀପଠା ଜିଲ୍ଲା ଲଘୁ ଖଣିଜ ବିଭାଗ ଓ ଜିଲ୍ଲା ସର୍ବେକ୍ଷଣ ବିଭାଗ ମିଳିତ ଭାବେ ତହସିଲ ଅଧୀନ ଦେବଭୂମି ପଞ୍ଚାୟତ ଅଧୀନ ନିରାଳ ବଡ଼ନଦୀ ନଦୀପଠା,ଜୟପୁର ପଞ୍ଚାୟତ ଅଧୀନ ପଡାଳ ଋଷିକୂଲ୍ୟା ନଦୀପଠା, କେନ୍ଦୁପଦର ପଞ୍ଚାୟତ ଚେରାମାରିଆ ନଦୀ ପଠା ପରିଦର୍ଶନ କରି ଫେରିଛନ୍ତି।ଏହି ନଦୀ ପଠା ରୁ ଦୀର୍ଘ ଦିନ ଧରି ବାଲିମାଫିଆ ମାନେ ବିନା ଟେଣ୍ଡର ରେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରୁଥିବା ପଞ୍ଚାୟତ ବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ଆଜି ଜିଲ୍ଲା ସର୍ବେକ୍ଷଣ ବିଭାଗ ସର୍ବେକ୍ଷଣ କରି ଫେରିଛନ୍ତି। ଏହି ସର୍ବେକ୍ଷଣ ବିଭାଗର ରିପୋର୍ଟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଲଘୁଖଣିଜ ବିଭାଗ,ତହସିଲ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବିଭାଗ ର କୌଣସି ଆପତ୍ତି ନରୁହେ ତେବେ ଆଗାମୀ ଦିନରେ ଏହି ସ୍ଥାନ ଗୁଡିକ ଟେଣ୍ଡର ପ୍ରକ୍ରିୟା କରାଯିବା କଥା ବିଭାଗୀୟ ଅଧିକାରୀ କହିଛନ୍ତି । ଏହି ସର୍ବେକ୍ଷଣ ରେ ଜଳସେଚନ ବିଭାଗ, ଲଘୁଖଣିଜ ବିଭାଗ,ତହସିଲ ବିଭାଗ ତଥା ଅନ୍ୟ କିଛି ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ୬୮ ବର୍ଷ ରେ ମିଳୁନି ଭତ୍ତା ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ବୃଦ୍ଧ



ଅସ୍ତରଙ୍ଗ,ମହାଭାରତ - ବୟସ ତାଙ୍କ ର ୬୮ କିନ୍ତୁ ମିଳୁନି ସରକାର ଙ୍କ ବାର୍ଦ୍ଧକ୍ୟ ଭତ୍ତା, ବ୍ଲକ ଅଫିସ କୁ ଦୌଡ଼ି ଦୌଡ଼ି ପାଦରୁ ଚପଲ ଛିଡିଗଲାଣି କିନ୍ତୁ କଣ ବା କରିବେ, ଯଦି ଭତ୍ତା ବିଭାଗ ରେ କିଛି ଅଭିଯୋଗ ଆଣୁଛନ୍ତି ତାହେଲେ ଉକ୍ତ ବିଭାଗ ର କର୍ମଚାରୀ ଦେଖାଉଛନ୍ତି ନାଲି ଆଖି ଓ କରୁଛନ୍ତି ଦୁଃ ବ୍ୟବହାର, ଏଇଟା କୌଣସି ମନଗଢା କାହାଣୀ ନୁହଁ ଖୋଦ ଏହି ବୃଦ୍ଧ ଲୋକ ଜଣଙ୍କ ଆଣିଛନ୍ତି ସଂଗୀନ ଅଭିଯୋଗ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଗ୍ରାମ ର ବ୍ରଜରାଜ ବିଶ୍ୱାଳ ବୟସ ୬୮, କୌଣସି ଜନସେବା କେନ୍ଦ୍ର ରେ ଅନଲାଇନ ରେ ଭତ୍ତା ପାଇଁ ଆବେଦନ କରିଥିଲେ କିନ୍ତୁ ଖାତା କୁ ଟଙ୍କା ନଆସିବାରୁ ସେ ପୁନଃଥର ଯାଇଥିଲେ ଉକ୍ତ ସେବା କେନ୍ଦ୍ର ରେ ପଚାରିବାକୁ ଆଉ ସେବା କେନ୍ଦ୍ର ର ଉତ୍ତର ମୁତାବକ ବ୍ଲକ ଆସିଥିଲେ ଭତ୍ତା ବିଭାଗ କୁ, ବୃଦ୍ଧ ଜଣଙ୍କ କହିବା ମୁତାବକ ଭ□। ବିଭାଗ ରେ ପ୍ରଥମେ କହିଲେ ନିର୍ବାଚନ ଆଚରଣବିଧି ଲାଗିଛି ଉଠିଯିବା ପରେ ଆପଣ ଆସିବେ, ନିର୍ବାଚନ ସରିବା ପରେ ବୃଦ୍ଧ ଜଣଙ୍କ ପୁନଃଥର ଯାଇ ପଚାରିବାରୁ ସେଠୁ ଉତ୍ତର ଆସିଲା ଯେ ଆପଣ କାଇଁ ବାରମ୍ବାର ଆସୁଛନ୍ତି -ଜଣେ କିଏ ମଲେ ଆମେ ଆପଣଙ୍କୁ ଯୋଡ଼ିବୁ ଏହି ପ୍ରକାର କଟୁ ମନ୍ତବ୍ୟ ଶୁଣିବା ପରେ ବୃଦ୍ଧ ଜଣଙ୍କ ଭତ୍ତା ବିଭାଗ ରୁ ଚାଲି ଆସିଥିଲେ ଓ ସରକାର ଙ୍କ ନିକଟରେ ନିଜ ଅଭିଯୋଗ ପହଞ୍ଚାଇବାକୁ ଗଣମାଧ୍ୟମ ର ଆଶ୍ରୟ ନେଇଛନ୍ତି, କଣ ପାଇଁ ସରକାରୀ ଚାକିରୀ କରି ଏହିଭଳି ବରିଷ୍ଠ ନାଗରିକ ଙ୍କୁ ବାବୁ ବାବୁଆଣୀ ମାନେ ଦୁଃ ବ୍ୟବହାର କରୁଛନ୍ତି ତାହା ବର୍ତ୍ତମାନ ଏକ ଜଟିଳ ସମସ୍ୟା ହୋଇଛି, ରାଜ୍ୟ ସରକାର ବୃଦ୍ଧ ଙ୍କ ଅଭିଯୋଗ କୁ ଭି କରି ପ୍ରକୃତ ସତ୍ୟ ର ଉନ୍ମୋଚନ କରିବା ସହ ବରିଷ୍ଠ ନାଗରିକ ବ୍ରଜରାଜ ବିଶ୍ୱାଳ ଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଦାବୀ କରାଯାଇଛି ।

## ସୁଭଦ୍ରା ଟଙ୍କା ପାଇଁ ବ୍ୟାଙ୍କ ଆଗରେ ଦଳାଚକଟା ରେ ୭ ରୁ ୮ ଜଣ ମହିଳା ଆହତ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନା କୁ ନେଇ ମହିଳାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବା ପାଇଁ ମିଳିଛି। କାରଣ ସୁଭଦ୍ରା ଟଙ୍କା ପାଇଁ ଏବେ ବ୍ୟାଙ୍କ ଗୁଡ଼ିକରେ ମହିଳାଙ୍କ ଅସମ୍ଭାଳ ଭିଡ଼ ଦେଖିବା ପାଇଁ ମିଳିଛି। ସବୁଠାରୁ ବଡ଼ କଥା ହେଲା ସୁଭଦ୍ରା ଟଙ୍କା ମିଳିବା ପରେ କିଛି ମହିଳା ସେହି ଟଙ୍କାରେ ବ୍ୟବସାୟ ଆରମ୍ଭ କରିଥିବା ବେଳେ ସେପଟେ ଟଙ୍କା ଉଠାଇବା ପାଇଁ କିଛି ମହିଳା ବ୍ୟାଙ୍କକୁ ଆସିଥିବା ଦେଖିବା ପାଇଁ ମିଳିଛି।ଆଉ ଯେଉଁ ମହିଳା ମାନେ ସୁଭଦ୍ରା ଯୋଜନାରେ ଯୋଡ଼ି ହୋଇନାହାନ୍ତି ସେମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ବ୍ୟାଙ୍କ ଖାତାରେ ମୋବାଇଲ ନମ୍ବର ଲିଙ୍କ୍ ପାଇଁ ବ୍ୟାଙ୍କରେ ଲାଇନ୍ ଲଗାଇଛନ୍ତି। ସୁଭଦ୍ରା ଟଙ୍କା ପାଇଁ ନୟାଗଡ଼ରେ ମହିଳାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ, ଟଙ୍କା ପାଇଁ ବ୍ୟାଙ୍କରେ ଅସମ୍ଭାଳ ଭିଡ଼ି, ଜନ ସେବା କେନ୍ଦ୍ର ଠାରୁ ଆରମ୍ଭ କରି ଡାକ ଘର ବ୍ୟାଙ୍କ ସବୁଠି ସୁଭଦ୍ରା ପାଇଁ ମହିଳାଙ୍କ ଭିଡୟ କାରଣ ସୁଭଦ୍ରା ଟଙ୍କା ଏବେ ହିତାଧିକାରୀଙ୍କ ପାଇଁ ପାଲଟିଛି ରୋଜଗାର ବାଟୟ ଏଇ ଯେମିତି ଗତ ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ୫ ହଜାର ଟଙ୍କା ମିଳିବା ପରେ ନୟାଗଡ଼ ବ୍ଲକର ବୋଦାପଡ଼ା ଗାଁର ଅଶାନ୍ତି ସେଠୀ ସେହି ଟଙ୍କାରେ ଦୁଇଟି ଛେଳି କିଣି ବ୍ୟବସାୟରେ ଲଗାଇଛନ୍ତି।ପୂର୍ବରୁ ୧୫ଟି ଛେଳି ଚାଷ କରୁଥିବା ବେଳେ ସୁଭଦ୍ରା ଯୋଜନାରେ ଆଉ ଦୁଇଟି ଛେଳି କିଣି ବ୍ୟବସାୟକୁ ବାଢିଛନ୍ତି। ସୁଭଦ୍ରା ଟଙ୍କା ରେ ଛେଳି କିଣି ଥିବାରୁ ଗୋଟିଏ ଛେଳି ନାଁ ସୁଭଦ୍ରା ଦେଇଥିବା ବେଳେ ଅନ୍ୟ ଟିର ନାଁ କାଳିଆ ଦେଇଛନ୍ତି।ଙ୍କ ପଞ୍ଚାୟତ ମହେଶ୍ୱରପୁର ଗାଁର ରଜନୀ ସେଠୀ ସୁଭଦ୍ରାର ପ୍ରଥମ କିସ୍ତି ଟଙ୍କା ରେ ଗୋଟିଏ ଛେଳି କିଣି ଚାଷ ଆରମ୍ଭ କରିଛନ୍ତି। ଛେଳି ଚାଷ ପାଇଁ ରଜନୀଙ୍କର ଇଚ୍ଛା ଥିଲେ ମଧ ଟଙ୍କା ଅଭାବରୁ ଛେଳି କିଣିପାରୁ ନଥିଲେୟ ଏବେ ସୁଭଦ୍ରା ଯୋଜନାରେ ଟଙ୍କା ମିଳିବା ପରେ ତାଙ୍କ ଆଶା ପୁରଣ ହୋଇଛି। ଛେଳି ଚାଷରେ ଭଲ ଲାଭ ରହିଥିବା ରଜନୀ କହିଛନ୍ତ। କେବଳ ଅଶାନ୍ତି କିମ୍ୱା ରଜନୀ ଙ୍କ ପାଇଁ ସୁଭଦ୍ରା ଯୋଜନା ରୋଜଗାର ବାଟ ଦେଖାଇଛି ତାହା ନୁହେଁ ଅନେକ ହିତାଧିକାରୀ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତି ଟଙ୍କା ବ୍ୟାଙ୍କ ରୁ ଉଠେଇ ବ୍ୟବସାୟରେ ଲାଗିଛନ୍ତ। ବାରବାଟି ଗାଁର ମଞ୍ଜୁ ଲତା ବେହେରା ସୁଭଦ୍ରା ଟଙ୍କା ପାଇବା ମାତ୍ରେ ନିଜ ବ୍ୟବସାୟ ଲଗାଇଛନ୍ତ। ସ୍ୱାମୀଙ୍କ ସହ ମିଶି ପାୱାର ହାଣ୍ଡଲୁମ୍ କରି ଛୋଟ ବ୍ୟବସାୟ କରୁଥିବା ମଞ୍ଜୁଲତା ସୁଭଦ୍ରା ଯୋଜନାରେ ମିଳିଥିବା ୫ ହଜାର ଟଙ୍କାରେ ସୂତା କିଣି ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଲକ୍ଷ ରଖିଛନ୍ତି। ସେଭଳି ଯଦୁପୁର ଗାଁରେ ସୁଭଦ୍ରା ହିତାଧିକାରୀ ମାନେ ଟଙ୍କା ପାଇବା ପରେ କାମ ଆରମ୍ଭ କରିଛନ୍ତି। କିଏ ତନ୍ତ କାମ ପାଇଁ ସୂତା କିଣି କାମ ଆରମ୍ଭ କରିଛି ତ ଆଉ କିଏ ଗୋପାଳନ ଏବଂ ସିଲେଇ ମେସିନ୍ କିଣି କାମ ଆରମ୍ଭ କରିଛି ନିଜର ବ୍ୟବସାୟ। ଏଥିପାଇଁ ସମସ୍ତେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଛନ୍ତି। ଗୋଟିଏ ପଟେ ସୁଭଦ୍ରା ଟଙ୍କା ପାଇ କିଛି ହିତାଧିକାରୀ ନିଜର ବ୍ୟବସାୟ ଆରମ୍ଭ କରିଥିବା ବେଳେ, ସେପଟେ କିନ୍ତୁ ସୁଭଦ୍ରା ଯୋଜନାରେ ଆସିଥିବା ଟଙ୍କା ଉଠାଇବା ପାଇଁ ନୟାଗଡ଼ ବିଭିନ୍ନ ବ୍ୟାଙ୍କ୍ ରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ନୟାଗଡ଼ ଶରଣକୁଳ ଷ୍ଟେଟ ବ୍ୟାଙ୍କ ଆଗରେ ଦେଖିବାକୁ ମିଳିଛି ଏ ଭଳି ଅଭାବନୀୟ ଦୃଶ୍ୟୟ ଟଙ୍କା ଉଠାଇବା ପାଇଁ ରାତି ୪ ଟା ରୁ ଶହ ଶହ ମହିଳା ମାନେ ବ୍ୟାଙ୍କ ଆଗରେ ଭିଡ଼ି କରିବା ରୁ ଉ□ଜନା ପ୍ରକାଶ ପାଇଛି। ସ୍ଥିତି ଏପରି ଉପୁଜିଛି ଯେ ଭିଡ଼ି ଭିତରେ ଧସ୍ତା ଧସ୍ତି ମଧ୍ୟରେ କିଛି ମହିଳା ଙ୍କ ହାତ ରୁ ଶଙ୍ଖା ଭାଙ୍ଗି ଥିବା ବେଳେ ଗୋଡ ରୁ ଚପଲ ଛିଡି ପଡିଛି। କାହାର ଦଳା ଚକଟାରେ ଅଣ୍ଟା ଭାଙ୍ଗିଛି ତ କାହାର ଗୋଡ ଭାଙ୍ଗିଛ। ଆହତ ହୋଇଛନ୍ତି ୭ ରୁ ୮ ଜଣ ମହିଳା। ବ୍ୟାଙ୍କ ଖୋଲିବ ଦିନ ୧୦ ଟା ରେ କିନ୍ତୁ ଟଙ୍କା ଉଠାଇବା ପାଇଁ ରାତି ୪ ଟା ରୁ ମହିଳା ମାନେ ରୁଣ୍ଡ ହେବାରୁ ସ୍ଥିତି ଅସମ୍ଭାଳ ହୋଇଥିଲାୟ ସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାଙ୍କ ପକ୍ଷରୁ ଭିଡ଼ ପୁଲିସର ସହାୟତା ନିଆଯାଇଥିଲା।

## ଉଦଳା ରେ ମିଳିଲାନି ଚିକିତ୍ସା ଚାଲିଗଲା ପା□ ମାସ ଶିଶୁର ଜୀବନ

କପ୍ତିପଦା -(ମହାଭାରତ ): କପ୍ତିପଦା - ରାତିରେ ଡାକ୍ତରଖାନାରେ ମିଳିପାରିଲା ନାହିଁ ଚିକିତ୍ସାୟ ଚାଲିଗଲା ୫ ମାସ ଶିଶୁକନ୍ୟା ଜୀବନୟ ଏଭଳି ଅବହେଳା ପ୍ରତିବାଦ କରି ମେଡିକାଲ ସମ୍ମୁଖରେ ମୃତଦେହ ଧରି ଧାରଣାରେ ବସିଲେ ପରିବାର ଲୋକେ।ଏଭଳି ଘଟଣା ଦେଖିବାକୁ ମିଳିଛି ଉଦଳା ମେଡିକାଲରେୟ କପ୍ତିପଦା ଥାନା ଦେଓ୍ୱାନବାହାଲୀ ଗ୍ରାମର ମଧୁସୂଦନ ରାଉତଙ୍କ ୫ ମାସର ଶିଶୁକନ୍ୟା ଗତକାଲି ଗ୍ରାମର ଆଶା ଦିଦି ଆସି ଟିକା ଦେଇଥିଲେ । ଟିକା ନେବାର କିଛି ଘଣ୍ଟା ପରେ ଶରୀର ଅସୁସ୍ଥ ହେବା ଆରମ୍ଭ କରିଥିଲା। ବିଳମ୍ବିତ ରାତିରେ ଶିଶୁକନ୍ୟାର ଶରୀର ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲ ଆଣିଥିଲେୟ ମେଡିକାଲରେ ପହଞ୍ଚି ଆଉଟଡୋରରେ ଦେଖାଇବା ପରେ ମେଡ଼ିସିନ ୱାର୍ଡକୁ ଡାକ୍ତର ପଠାଇଥିଲେ। ହେଲେ ଦୀର୍ଘ ସମୟ ମେଡ଼ିସିନୱାର୍ଡରେ ଥିଲେ ସୁଦ୍ଧା କୌଣସି ନର୍ସଙ୍କ ଦେଖା ମିଳି ନ ଥିଲା, ଯାହା ଫଳରେ ସେଠାରେ ଛୁଆକୁ ଧରି ଜଗି ରହିଥିଲେ ପରିବାର ଲୋକେୟ କିନ୍ତୁ ବିଳମ୍ବରେ ନର୍ସ ଆସି ପହଂଚିଥିବା ବେଳେ ସେତେବେଳକୁ ଶିଶୁକନ୍ୟାର ମୃତ୍ୟୁ ହୋଇ ସାରିଥିଲା। ଯାହାକୁ ନେଇ ଆଜି ସକାଳୁ ପରିବାର ଲୋକେ ମୃତଦେହ ଧରି ମେଡିକାଲ ସମ୍ମୁଖରେ ଧାରଣାରେ ବସିଛନ୍ତ।

## ଗଣେଶ ପୂଜା ପକ୍ଷରୁ ଅନ୍ନ ପ୍ରସାଦ ସେବନ

ବିଷମ କଟକ(ମହାଭାରତ)ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ବିଭିଓ ସ୍ଥାନରେ ଗଣେଶ ପୂଜା ହେଇ ବିଦର୍ଜନ ହୋଇଥିବା ବେଳେ ସ୍ଥାନୀୟ ହେମଗିରି ସାହି ପକ୍ଷରୁ ଗଣେଶ ପୂଜା ଆୟୋଜନ ଚାଲି ରହିଛି ।ଦୀର୍ଘ ୧୩ ଦିନ ହେ ଏହି ସାହିରେ ଗଣେଶ ପୂଜା ଆୟୋଜନ ଚାଲୁରହିଛି । ପ୍ରତି ବର୍ଷ ଭଳି କିଛି ଅଲଗା ନିଆରା ଢଙ୍ଗରେ ଗଣେଶ ପୂଜା ମଣ୍ଡପ ନିର୍ମାଣ କରାଯିବା ଦେଖିବାକୁ ମିଳିଛି । ସବୁ ବର୍ଷ ଭଳି ଚଳିତ ବର୍ଷ ଠାକୁରଙ୍କ ବିଶାଳ ପ୍ରତିମା ଓ ଆଲୋକ ଶଯ୍ୟା ସହ ଉତ୍ତରୂପରେ ପ୍ରଭୁ ଗଣେଶ ପୂଜା ପାଉଛନ୍ତି । ଆଜି ପୂଜା କମିଟି ତରଫରୁ ସ୍ଥାନୀୟ ପାତେଲେଶ୍ୱର ଶିବ ମନ୍ଦିର ଠାରେ ଅଓ ପ୍ରସାଦର ଆୟୋଜନ କରାଯାଇ ଥିଲାୟ ବହୁ ଦୂର ଦୁରନ୍ତର ଭକ୍ତ ଓ ସ୍ଥାନୀୟ ଭକ୍ତମାନେ ଠାକୁରଙ୍କ ଦର୍ଶନ ଓ ପ୍ରସାଦ ସେବନ କରିବାର ଦେଖାଯାଇଛି । ପ୍ରାୟ । ହଜାର ରୁ ୩ ହଜାର ଭକ୍ତ ଏହି ଅଓ ପ୍ରସାଦ ସେବନ କରି ଠାକୁରଙ୍କ ଆଶୀର୍ବାଦ ନେଇଛନ୍ତି । ସାହି ବାସିନ୍ଦାଙ୍କ ସହଯୋଗରେ ପବିତ୍ର ଗଣେଶ ପୂଜା ଅତି ଧୁମଧାମରେ ପାଳିତ ହେବା ସହ ଆଜି ଅଓ ପ୍ରସାଦର ଆୟୋଜନ କରାଯାଇଛି ।ଆସନ୍ତା କାଲି ବିସର୍ଜନ କରାଯିବା ର ସୂଚନା ପୂଜା କମିଟି ତରଫରୁ ମିଳିଛି।

## ଉଦଳାରେ ମିଳିଲାନି ଚିକିତ୍ସା ଚାଲିଗଲା ପାଞ୍ଚ ମାସ ଶିଶୁର ଜୀବନ

କପ୍ତିପଦା(ମହାଭାରତ): ରାତିରେ ଡାକ୍ତରଖାନାରେ ମିଳିପାରିଲା ନାହିଁ ଚିକିତ୍ସାୟ ଚାଲିଗଲା ୫ ମାସ ଶିଶୁକନ୍ୟା ଜୀବନ। ଏଭଳି ଅବହେଳା ପ୍ରତିବାଦ କରି ମେଡିକାଲ ସମ୍ମୁଖରେ ମୃତଦେହ ଧରି ଧାରଣାରେ ବସିଲେ ପରିବାର ଲୋକେ। ଏଭଳି ଘଟଣା ଦେଖିବାକୁ ମିଳିଛି ଉଦଳା ମେଡିକାଲରେ। କପ୍ତିପଦା ଥାନା ଦେଓ୍ୱାନବାହାଲୀ ଗ୍ରାମର ମଧୁସୂଦନ ରାଉତଙ୍କ ୫ ମାସର ଶିଶୁକନ୍ୟା ଗତକାଲି ଗ୍ରାମର ଆଶା ଦିଦି ଆସି ଟିକା ଦେଇଥିଲେ । ଟିକା ନେବାର କିଛି ଘଟା ପରେ ଶରୀର ଅସୁସ୍ଥ ହେବା ଆରମ୍ଭ କରିଥିଲାୟ ବିଳମ୍ବିତ ରାତିରେ ଶିଶୁକନ୍ୟାର ଶରୀର ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲ ଆଣିଥିଲେ। ମେଡିକାଲରେ ପହଞ୍ଚି ଆଉଟଡୋରରେ ଦେଖାଇବା ପରେ ମେଡ଼ିସିନ ୱାର୍ଡକୁ ଡାକ୍ତର ପଠାଇଥିଲେ। ହେଲେ ଦୀର୍ଘ ସମୟ ମେଡ଼ିସିନୱାର୍ଡରେ ଥିଲେ ସୁଦ୍ଧା କୌଣସି ନର୍ସଙ୍କ ଦେଖା ମିଳି ନ ଥିଲା, ଯାହା ଫଳରେ ସେଠାରେ ଛୁଆକୁ ଧରି ଜଗି ରହିଥିଲେ ପରିବାର ଲୋକେ। କିନ୍ତୁ ବିଳମ୍ବରେ ନର୍ସ ଆସି ପହଂଚିଥିବା ବେଳେ ସେତେବେଳକୁ ଶିଶୁକନ୍ୟାର ମୃତ୍ୟୁ ହୋଇ ସାରିଥିଲା। ଯାହାକୁ ନେଇ ଆଜି ସକାଳୁ ପରିବାର ଲୋକେ ମୃତଦେହ ଧରି ମେଡିକାଲ ସମ୍ମୁଖରେ ଧାରଣାରେ ବସିଛନ୍ତ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି, (ମହାଭାରତ)ଁ: ଆଜି ସ୍ଥାନୀୟ ରେଭେନ୍ୟୁ କଲୋନୀ ଠାରେ ସ୍ଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାଯ୍ୟକ୍ରମରେ ସମସ୍ତ କଲୋନୀ ବାସିନ୍ଦା ଉପସ୍ଥିତ ରହି ସାହିର ରାସ୍ତା ଘାଟ ପରିସ୍କାର ପରିଚ୍ଛନ୍ନ କରଯାଇଛି, ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନ ରେ ସମସ୍ତ ରେଭେନ୍ୟୁ କଲୋନୀ ଝାଡୁ କରିବା ସହ ସଫା କରଯାଇଥିଲା । ଏହି ଅବସରରେ ମା ପାଇଁ ଗଛ ଟିଏ କାଯ୍ୟକ୍ରମ ରେ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଶ୍ରୀ ନାରାୟଣ ବେହେରା ପରିଚାଳନା କରିଥିବା ବେଳେ, ଡେପୁଟି କଲେକ୍ଟର ଶ୍ରୀ ପାଣକୃଷ୍ଣ ପାଣିଗ୍ରାହି, ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଗୌର ଚନ୍ଦ୍ର ପଟ୍ଟନାୟକ,ଅତିରିକ୍ତ ତହସିଲଦାର ଶ୍ରୀ ବି.ଆଲିୟା ରେଞ୍ଜୀ ଓ ବନବିଭାଗ କର୍ମଚାରୀ, ମୁନିସିପାଲିଟିର ସ୍ଚ୍ଛ ସାଥୀ ଓ ସଫେଇ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ଗଜପତି ଜିଲ୍ଲା ପରିଷଦର ୫୨ତମ ବୈଠକ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ପରିଷଦ ୫୨ତମ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗବାରା ତିରୁପତି ରାଓଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ କୁନ୍ତଳା ମଲ୍ଲିକ, ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ,ମାନ୍ୟବର ବିଧାୟକ ମୋହନା,ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ ,ବ୍ରହ୍ମପୁର ସାଂସଦ ପ୍ରତିନିଧି ଶ୍ରୀ ଧାରାପୁ ରାଜେଶ୍ କୁମାର,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସମସ୍ତ ଜିଲ୍ଲା ପରିଷଦର ସଭ୍ୟ/ସଭ୍ୟା, ବ୍ଲକ୍ ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ସ୍ୱାଗତ ଭାଷଣ ପୂର୍ବକ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ ସମସ୍ତ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ ଜଣାଇ ଥିଲେ । ମଞ୍ଚାସନ ସମସ୍ତ ଅତିଥି କହିଥିଲେ ଯେ ଗଜପତି ଜିଲ୍ଲାର ଯେଉଁ ଲକ୍ଷ୍ୟ ରହିଛି ତାହା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି ଏବଂ ଆଗକୁ ମଧ ସଫଳତାର ସହିତ କାର୍ଯ୍ୟକାରୀ ଚାଲୁରହିବ ବୋଲି କହିଥିଲେ। ଏହି ବୈଠକରେ ଜିଲ୍ଲାରେ କାର୍ଯକାରୀ କରାଯାଉଥିବା ବିଭିଓ ବିଭାଗ ତଥା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ କୋଠାବାଡ଼ି, କୃଷି ଓ କୃଷକ ସଶକ୍ତି କରଣ ,ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବେସାମରିକ ଯୋଗାଣ ଓ ଖାଦ୍ୟ ପ୍ରକ୍ରିୟା କରଣ, ଜଳ ସେଚନ ପ୍ରକଳ୍ପ, ମେଗା ଜଳସେଚନ, କ୍ଷୁଦ୍ର ଜଳସେଚନ, ଛେଲିଗଡ ପ୍ରକଳ୍ପ, ଉଦ୍ୟାନ, ଜଳ ଛାୟା, ପଶୁ ସମ୍ପଦ, ମତ୍ସ୍ୟ ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଏବଂ ବିପଣନ ସଂସ୍ଥା ), ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମାଜ କଲ୍ୟାଣ ଓ ଶିଶୁ କଲ୍ୟାଣ ବିକାଶ,ସହ ପୁଙ୍ଖାନପୁଙ୍ଖ ଆଲୋଚନା ହୋଇଥିଲା ।

## ଜିଲ୍ଲାସ୍ତରୀୟ ନୂଆଖାଇ ଭେଟଘାଟ - ୨୦୨୪

### ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ପାରଳାଖେମୁଣ୍ଡି (ମହାଭାରତ): ପାରଳାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ସମଲେଇ ନୃତ୍ୟକଳା ପରିଷଦ ଓ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ନୂଆଁଖାଇ ଭେଟଘାଟ - ୨୦୨୪ କାର୍ଯ୍ୟକ୍ରମ ସ୍ଥାନୀୟ ନଗର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ତଥା ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଡ. ଗୁଣନିଧି ନାୟକ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ପାରଳା ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ , ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଞ୍ଚକଳାର ଆଦର୍ଶ ଦାସ ଏବଂ ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଯୋଗ ଦେଇ ନୂଆଁଖାଇ ଭେଟଘାଟ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବାଳକୃଷ୍ଣ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ



ଉପସ୍ଥାପନା କରିଥିଲେ। ମଞ୍ଚାସିନ ଅତିଥି ମାନେ ନିଜ ବକ୍ତବ୍ୟରେ ଆୟୋଜକ ଅନୁଷ୍ଠାନ ଓ ସଂସ୍କୃତି ପରିଷଦର ଏହି ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଯଦିଓ ଏହା ପଶ୍ଚିମ ଓଡ଼ିଶାର ଗଣପର୍ବ ହୋଇଥିଲେ ମଧ ଉପାନ୍ତ ପାରଳାଖେମୁଣ୍ଡିରେ ପାଳନ କରାଯାଉ ଥିବାରୁ ସେମାନେ ଆନନ୍ଦିତ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପାରଳାର ଅଗ୍ରଣୀ ଅନୁଷ୍ଠାନ ଭକ୍ତି ସଙ୍ଗୀତ ସଂସଦର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏଥି ସହ ପାରଳାର ନୃତ୍ୟ ଭଚକ୍ତିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ର , ସମଲେଇ ନୃତ୍ୟକଳା ପରିଷଦ , ପଦାମୃତ ନୃତ୍ୟାୟନ ଓ ମିରାକଲ ଡ୍ୟାନ୍ସ ଅନୁଷ୍ଠାନ ପ୍ରଭୃତି ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେୟ ଅମୁଲ୍ୟ ପାଣିଗ୍ରାହି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ଡି.ମୋହନ ରାଓ , ରାଜେନ୍ଦ୍ର ରଥ , ରଘୁନାଥ ପଟ୍ଟନାୟକ , ଡି. ପ୍ରିୟଙ୍କା , ସ୍ୱର୍ଣ୍ଣଲତା , ପାତ୍ର , ସ୍ନିଗ୍ଧାରାଣୀ ମିଶ୍ର , ଆରୁପାଞ୍ଜଳି ମହାନ୍ତି , ସୁଧା ରଞ୍ଜନ ପଟ୍ଟନାୟକ , ହରିହର ପଟ୍ଟନାୟକ , ସନ୍ତୋଷ ପାଟଯୋଶୀ ପ୍ରଭୃତି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଆହତ

କୋକସରା(ମହାଭାରତ): ୨୬ ନମ୍ବର ଜାତୀୟ ରାଜପଥ କୋକସରା ଥାନା ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ବାଇକରେ ଥିବା ୩ ଜଣ ମଧ୍ୟରୁ ୨ ଜଣ ଆହତ ହୋଇଥିବା ବେଳେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଲତାମୁଣ୍ଡା ଗ୍ରାମର ହଳଧର ପୁଝାରୀ(୫୫) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ହଳଧର ସାର ଆଣିବା ପାଇଁ ଯାଉଥିବା ସମୟରେ କୁସୁମଖୁଣଈ୍ କେନାଲ ଛକ ନିକଟରେ ମୋଟେର ପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ହଳଧର ଛିଟିକି ପଡି ରାସ୍ତାରେ ପଡିଯାଇ ଗୁରୁତର ହୋଇଥିଲେ। ଅନ୍ୟପଟେ ବାଇକରେ ଦୁଇ ଜଣ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହଳଧରଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡ଼ାକ୍ତରଙ୍କ ସ୍ଥାନାନ୍ତର କରିଥିଲେ। ତେବେ ଡାକ୍ତରଖାନା ନେବା ବାଟରେ ହିଁ ହଳଧରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଡ଼ାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ପାହାଡ଼ ଉପରେ ବେଆଇନ ଆଧିପତ୍ୟ ବିସ୍ତାର

# ଭଙ୍ଗାଯିବ କି ବୈଷ୍ଣବ ଦେବୀ ମନ୍ଦିର ତାଆ ର ସ୍ୱପ୍ନ ରାଜସ୍ୱ ବିଭାଗ ପକ୍ଷରୁ ଲାଗିଲା ନୋଟିସ

ଓଡ଼ଗାଁ, ( ମହାଭାରତ ) : ଓଡ଼ଗାଁ ତହସିଲ ଅଧିନରେ ବେଆଇନ ଦଖଲ କରି ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି ଲୋକେ। କିଏ ଗୋଚର ଜାଗାରେ କୋଠା ନିର୍ମାଣ କଲାଣି ତ ଆଉ କିଏ ସରକାରୀ ଜାଗାକୁ ନିଜ ଅକ୍ତିଆରକୁ ନେଇ ସାରିଲାଣି। ଆଉ ଏବେ ପାହାଡ଼ ଉପରେ ବେଆଇନ ଦଖଲ କରି ଏକର ଏକର ଜାଗା ଅକ୍ତିଆରକୁ ନେଇ ଆଧିପତ୍ୟ ବିସ୍ତାର କରିବାରେ ଲାଗିଛନ୍ତି ଜମି ମାଫିଆ। ମନ୍ଦିର ନିର୍ମାଣ କରିବା ଆଳରେ ଏଠି ଜମି ଲୁଟ୍ କରାଯାଇଛି। ଅଭିଯୋଗ ଉଠିବା ପରେ ରାଜସ୍ୱ ବିଭାଗ କଠୋର ନିଷ୍ପ□ ନେଇ ମନ୍ଦିର ଭାଙ୍ଗିବାକୁ ନୋଟିସ



କରିଛି।ମଗରବନ୍ଧ ପଞ୍ଚାୟତ ଚୋରଖୋଲ ପାହାଡ଼ରେ ଏଭଳି ଜବରଦଖଲ ହୋଇଥିବା ଜଣାପଡ଼ିଛି। ସୂଚନା ଥାଉକି, ବେଆଇନ ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ପାନେ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ଷ ବର୍ଷ ଧରି ଜବରଦଖଲ କରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉଲ୍ଲେଖ କରାଯାଇଛି। ଞ୍ଚାୟତ ଚୋରଖୋଲ ପାହାଡ଼ ନିକଟରେ ଅଜାତି ରାଉତ ନାମକ ଜଣେ ବ୍ୟକ୍ତି କିଛି ଲୋକଙ୍କୁ ପ୍ରଲୋଭିତ କରି ୩୦ ଏକର ଜମି ନିଜ ପୁଅ-ଝିଅଙ୍କ ନାଁରେ କିଣିଥିଲେ। କିନ୍ତୁ ସେହି ଜମିରେ କେବଳ ପୋଖରୀ ଓ ପାର୍କ କରିଥିବା ବେଳେ ପାଖରେ ଥିବା ପାହାଡ଼କୁ କାନ୍ଥ କରି ନେଇଛନ୍ତି। ପାହାଡ଼ରୁ ବେଆଇନ ଗଛ କାଟିବା ସହିତ ମନ୍ଦିର ଓ କୋଠା ନିର୍ମାଣ କରିଛନ୍ତ। ବଡ଼କଥା ହେଉଛି ମନ୍ଦିର ନିର୍ମାଣ କରିବାକୁ ସେ କିଣିଥିବା ଜମିରେ ନ କରି ପାହାଡ଼କୁ ଦଖଲ କଲେ କାହିଁକି ? ପାହାଡ଼ ଉପରେ ବେଆଇନ ମନ୍ଦିର ଓ କୋଠା ନିର୍ମାଣ କରିବାକୁ କିଏ ଅନୁମତି ଦେଲା ? ଯଦି ଅନୁମତି ନ ଥିଲା ତେବେ କାହା ବଳରେ ଏତେବଡ଼ ସାହସ କଲେ ବୋଲି ମଗରବନ୍ଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଖବର କିଛିଦିନ ତଳେ ବିଭିଉ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବନ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ବନାଞ୍ଚଳ ଅଧିକାରୀ ଡିଏଫ୍ଓଙ୍କୁ ରିପୋର୍ଟ ଦେବା ପରେ ଫାଇଲ୍ ପଡ଼ି ରହିଥିଲାୟ ଜିଲ୍ଲାପାଳଙ୍କ ଗତ ଜନଶୁଣାଣି ଶିବିରରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇ ଅଭିଯୋଗ କରିବା ପରେ ପ୍ରଶାସନ କଠୋର ହୋଇ ଉଠିଥିଲା। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଶରଧାପୁର ରାଜସ୍ୱ ନିରୀକ୍ଷକ ଅମୂଲ୍ୟ ସାହୁ ଓ ଗୋଡିସାହି ରାଜସ୍ୱ ନିରୀକ୍ଷକ ବିରୂପାକ୍ଷ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଦଖଲ ଚିହ୍ନଟ କରିଥିଲେ। ପାହାଡ଼ ଉପରେ ଚାଲିଥିବା ମନ୍ଦିର ଓ କୋଠା ସଂପୂର୍ଣ୍ଣ ବେଆଇନ ବୋଲି ଜଣାପଡ଼ିଥିଲା। ସେତକି ନୁହଁ, ଜମି ମାଫିଆ ୩୦ ଏକର ନିଜସ୍ୱ ଜମିରୁ ୧୩ ଏକର ଜମିର ପଟ୍ଟା ଦେଖାଇଥିବା ଦୁର୍ନୀତିକୁ ଲୁଚାଇବାକୁ ଅପଚେଷ୍ଟା କରିଥିଲେ। ନିଜ ଜମି ଛାଡ଼ି ଜଙ୍ଗଲ ଜମି ଉପରେ ନିର୍ମାଣ କାର୍ଯ୍ୟ କରାଯାଇଥିବାରୁ ନୋଟିସ୍ ଜାରି କରାଯାଇଛି। ଆସନ୍ତା ୨୭ ତାରିଖରେ ଶୁଣାଣି କରାଯିବ ଜମି ଜବରଦଖଲର ସତ୍ୟତା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ମନ୍ଦିର ଭଙ୍ଗାଯିବ ବୋଲି ଶରଧାପୁର ରାଜସ୍ୱ ନିରୀକ୍ଷକ ଶ୍ରୀ ସାହୁ କହିଛନ୍ତ।

## ଘରୋଇ ନମ୍ବର ପ୍ଲେଟଗାଡି ରେ ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ

ଅସ୍ତରଙ୍ଗ,ମହାଭାରତ – ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ଆଦର୍ଶ ବିଦ୍ୟାଳୟ ରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏକ ଘରୋଇ ନମ୍ବର ପ୍ଲେଟ ଲାଗିଥିବା ନାଲି ରଙ୍ଗ ର ଟାଭେରା ଗାଡି ରେ ବୁହା ହେଉଥିବା ବେଳେ ଆଜି ଅସ୍ତରଙ୍ଗ ଜିଉଁନ୍ତି ଉକୁଳେଇ ରାସ୍ତା ରେ ଏକ ଭୟଙ୍କର ଦୁର୍ଘଟଣା ରୁ ଅଳ୍ପକେ ବର୍ତ୍ତିଛନ୍ତି ।ଗାଡିଟିର ନମ୍ବର ଓଆର ୦୬ ଏଫ ୫୪୫୫ ରହିଛି ଆଉ ଏହି ଗାଡି ଟି ଯାଉଥିବା ସମୟ ରେ ବିପରୀତ ଦିଗରୁ ଆସୁଥିବା ଏକ ଚଳନ୍ତା ଟ୍ରାକ୍ଟର ସହିତ ମୁହାଁମୁହିଁ ହୋଇଛି, ଘଟଣା ସ୍ଥଳରେ କିଛି ସ୍ଥାନୀୟ ଲୋକ ଜମା ହୋଇଥିଲେ ଓ ଚାପା ଉତେଜନା ମଧ୍ୟ ସୃଷ୍ଟି ହୋଇଥିଲା, ଏଠି ପ୍ରଶ୍ନ ଉଠୁଛି ଆଦର୍ଶ ବିଦ୍ୟାଳୟ ସରକାର ଙ୍କ ଶିକ୍ଷା ବ୍ୟବସ୍ଥା ର ଏକ ଆଧୁନିକତାର ପରିଚୟ ସୃଷ୍ଟି କରିଥିବା ବେଳେ ଏକ ଘରୋଇ ନମ୍ବର ପ୍ଲେଟ ଲାଗିଥିବା ଗାଡି ରେ କିପରି ଆଦର୍ଶ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଏଥିରେ ଯାଉଛନ୍ତି, ଏହି ଘରୋଇ ଗାଡି କୁ ଏହି କାର୍ଯ୍ୟକ୍ରମ ରେ କିଏ କିପରି ନିୟୋଜିତ କରିଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି, ଅପର ପକ୍ଷରେ ବିଦ୍ୟାଳୟ ଗୁଡିକ ରେ ନିୟୋଜିତ ଭ୍ୟାନ୍ ଗୁଡିକ ର କାଗଜପତ୍ର ଠିକ ଅଛି କି ନାହି, ଏମାନଙ୍କ ଫିଟନେସ କେତେ ସୁଦୃଢ ତା ପ୍ରତି ବିଭାଗୀୟ କତୃପକ୍ଷ କେବେ ଦୃଷ୍ଟି ଦେଉନାହାନ୍ତି, ଅଭିଭାବକ ମାନେ ଏ ପ୍ରତି ମଧ୍ୟ ସଚେତନ ନାହାନ୍ତି, ଯଦି ଦୁର୍ଘଟଣା ଘଟିଥାନ୍ତା ତାହେଲେ ଏହି ଛାତ୍ର ଛାତ୍ରୀ ମାନଙ୍କ କ୍ଷତି ପୂରଣ କିଏ ବହନ କରିବ ? ଏହି ସବୁ ଘଟଣା କୁ କେନ୍ଦ୍ର କରି କିପରି ଏକ ଘରୋଇ ନମ୍ବର ପ୍ଲେଟ ଲାଗିଥିବା ଭ୍ୟାନ ରେ ଆଦର୍ଶ ବିଦ୍ୟାଳୟ ଛାତ୍ର ଛାତ୍ରୀ ବୁହା ହେଉଛନ୍ତି ତାହା ଉପରେ ଉକ୍ତ ଞ୍ଚଳ ର ସମାଜସେବୀ ଅମୀୟ ରଞ୍ଜନ ବାରିକ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଟ୍ୱିଟ କରି ଅଭିଯୋଗ କରିଛନ୍ତି।

## ସ୍ୱଚ୍ଛତା ହିଁ ସେବା ଅଭିଯାନ ପରିପ୍ରେକ୍ଷୀରେ ପୌରପାଳିକା ତରଫରୁ ସହରାଞ୍ଚଳ ସଫେଇ.

ରାଇରଙ୍ଗପୁର (ମହାଭାରତ):ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଦେଶ ବ୍ୟାପି ସ୍ୱଚ୍ଛତା ହିଁ ସେବା ଅଭିଯାନ ପରିପ୍ରେକ୍ଷୀରେ ଆଜି ରାଇରଙ୍ଗପୁର ପୌରପାଳିକା ତରଫରୁ ପୌର କାର୍ଯ୍ୟାଳୟ ର ସମସ୍ତ ବର୍ଗ ର କର୍ମଚାରୀ ମାନେ ହାତରେ ଝାଡୁ, ଅଳିଆ ଡାଲା ଓ ଅଳିଆ ବାକ୍ସ ଧରି ରାଇରଙ୍ଗପୁର ବସ ଷ୍ଟାଣ୍ଡ ଠାରୁ ସଫେଇ କାର୍ଯ୍ୟ ଆରମ୍ଭ କରି ସହରର ବିଭିଉ ଅଂଚଳ ସଫେଇ କରିଥିଲେ ଏହି ସଫେଇ କାର୍ଯ୍ୟ ସମୟରେ ସେମାନେ ପରିବେଶ କୁ ପ୍ରଦୂଷଣ ମୁକ୍ତ ତଥା ରାଇରଙ୍ଗପୁର ସହର କୁ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ ସହର ଭାବେ ଗଢି ତୋଳିବା ପାଇଁ ସଚେତନ ଧର୍ମୀ ବା□ା ଲେଖା ଥିବା ପ୍ଲା କାର୍ଡ ଏବଂ ଜନସାଧାରଣ ଙ୍କ ସହିତ ସକାରାତ୍ମକ ଢଙ୍ଗରେ ସିଧାସଳଖ ବା□ାଳାପ ଜରିଆରେ ଜନସାଧାରଣ ଙ୍କୁ ସଚେତନ କରାଇବାର ପ୍ରଚେଷ୍ଟା କରିଥିଲେ . ଏହି ଅବସରରେ ରାଇରଙ୍ଗପୁର ପୌରପାଳିକା ତଥା ବାମନଘାଟି ଉପଖଣ୍ଡ ପ୍ରଶାସନ ତରଫରୁ ସମସ୍ତ ଜନସାଧାରଣ ସମେତ ବିଭିଉ ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ର ମାଲିକ ମାନଙ୍କୁ ନିବେଦନ କରାଯାଉଛି କି ପରିବେଶ କୁ ପ୍ରଦୂଷଣ ମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ତା'ଙ୍କ ଦୈନନ୍ଦିନ ଜୀବନ ରେ ଓ ବ୍ୟବସାୟୀକ କାରବାର ରେ ୧୨୦ ମାଇକ୍ରୋନ ରୁ କମ ମୋଟେଇ ର ପ୍ଲାଷ୍ଟିକ ଓ ଥର୍ମକୋଲରେ ତିଆରି ହୋଇଥିବା ସାମଗ୍ରୀ ଯଥା ପଲିଥିନ, ଜରି, କେରିବେଗ, ପ୍ଲେଟ, ଗ୍ଲାସ ଓ ଚାମଚ ଇତ୍ୟାଦି ବ୍ୟବହାର କୁ ନିଶ୍ଚିତ ଭାବେ ପରିହାର କରିବା ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ. ସ୍ୱଭା ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ନୀତି କୁ ଆପଣାଇ ଏକ ସୁସ୍ଥ



ସମାଜ ଗଠନ ସହିତ ବିକଶିତ ଭାରତ ଗଠନ ରେ ସହାୟକ ହୁଅନ୍ତୁ.ପ୍ରକାଶ ଥାଉକି ଉକ୍ତ ଅଭିଯାନ ଆସନ୍ତା ଅକଟୋବର ମାସ ୨ ତାରିଖ ସ୍ୱଚ୍ଛ ଭାରତ ମିଶନ ଦିବସ ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ଏହି ଅଭିଯାନ ରେ ବିଭିଉ ସ୍ୱେଚ୍ଛାସେବୀ, ଛାତ୍ର ଛାତ୍ରୀ, ଯୁବ ବର୍ଗ ତଥା ସମାଜର ବିଭିଉ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ସର୍ବପରି ସାଧାରଣ ଜନତାଙ୍କୁ ସାମିଲ ହେବାପାଇଁ ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକଙ୍କ ତରଫରୁ ଅନୁରୋଧ କରାଯାଉଛି.ୟ .ସ୍ୱଚ୍ଛତା ହିଁ ସେବା ଅଭିଯାନ ପରିପ୍ରେକ୍ଷୀରେ ପୌରପାଳିକା ତରଫରୁ ସହରାଞ୍ଚଳ ସଫେଇ।

## ପୌରପାଳିକା ପକ୍ଷରୁ ସମୂହ ସଫେଇ ଅଭିଯାନ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର ( ମହାଭାରତ) ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନ ରେ ରାଜଗାଙ୍ଗପୁର ପୌର ପାଳିକା ପକ୍ଷରୁ ସହରରେ ସମୁହ ସଫେଇ ଅଭିଯାନ ଚାଲିଛି ।ଏହି କ୍ରମରେ ଗତ କାଲି ସହରର ରାଣୀବନ୍ଧ ସ୍ଥିତ ବୀର ବିରସୟ ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ଥିବା ପଡିଆ ଠାରେ ସଫେଇ ଅଭିଯାନ କରାଯାଇଥିଲା । ଉକ୍ତ ସଫେଇ ଅଭିଯାନ ରେ ପୌର ପରିଷଦ ର ଅଧକ୍ଷା ମାଧୁରୀ ଲୁଗୁନ ,ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ ଯୋଗ ଦେଇଥିବା ବେଳେ ବହୁ ସଂଖ୍ୟାରେ ପୌର କର୍ମଚାରୀ ଏବଂ ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ସହଯୋଗ ର ହାତ ବଢ଼ାଇ ଥିଲେ ।ଆଜି ୱାର୍ଡ ନଂ ୩ ସ୍ଥିତ ସହରର ସାପ୍ତାହିକ ବଜାର ସମ୍ମୁଖ ରେ ଥିବା ଏକ ପଡିଆ ରେ ପୌର ପରିଷଦ ପକ୍ଷରୁ ସଫେଇ ଅଭିଯାନ କରାଯାଇଥିଲା । ଦୀର୍ଘ ଦିନ ହେବ ଉକ୍ତ ଅଞ୍ଚଳରେ ଅଳିଆ ଗଦା ହୋଇଥିବା ବେଳେ ଏହା ସ୍ତାନୀୟ ଲୋକଙ୍କ ପାଇଁ ଅସ୍ୱାସ୍ଥ କର ପରିବେଶ ସୃଷ୍ଟି କରୁଥିଲାୟ।ଆଜି ଉକ୍ତ ସ୍ଥାନ ଟିକୁ ସମୂହ ସଫେଇ ଅଭିଯାନ କାର୍ଯ୍ୟକ୍ରମ ରେ ଏଠାରେ ପଡିଥିବା ଅଳିଆ ଆବର୍ଜନା କୁ ସଫା କରାଯାଇଥିଲା । ଯାହାକୁ ସ୍ଥାନୀୟ ଅ□ଳବାସୀ ପ୍ରଶଂସା କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ, ପୌରପାଳିକା ଉପାଧକ୍ଷ ମହମ୍ମଦ ଇରଫା ନ , ପୌରପାଳିକାର ନୋଡାଲ ଅଫିସର ଐଶ୍ୱର୍ଯ୍ୟ ପାଣିଗ୍ରାହୀ , କାର୍ତ୍ତିକ ଚନ୍ଦ୍ର ମହାରଣା , ସାନି ଟେସନ ଏକ୍ସପର୍ଟ ନାରାୟଣ ରେଡ୍ଡୀ , ସସ୍ମିତା ବିଶୋୟୀ , ସ୍ୱଚ୍ଛ ସୁପର ଭାଇଜର ଦମୟନ୍ତୀ ଦାଶ , ସ୍ୱଚ୍ଛ ସାଥି ପୂର୍ଣ୍ଣିମା ରଣା ପ୍ରମୁଖ ଏହି ସାମୁହିକ ସ୍ୱଚ୍ଛତା ଅଭିଯାନ ରେ ସାମିଲ ହୋଇଥିଲେ । ପ୍ରତେକ ଦିନ ସହରର ବିଭିଉ ୱାର୍ଡ ରେ ଅଳିଆ ଆବର୍ଜନା ଜମି ରହୁଥିବା ସ୍ଥାନ କୁ ବ୍ଲାକ ସ୍ପ ଟ ଭାବରେ ଚିନ୍ହଟ କରାଯାଇ ଏହାକୁ ସଫା କରାଯିବ ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ ଉଲ୍ଲେଖ କରିଥିଲେ।

## ଲାକ ବଦ୍ରାଙ୍କ ୧୦୫ ତମ ଜୟନ୍ତୀ ପାଳିତ

ଯୋଡ଼ା : (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ୱାରଙ୍ଗ ଚିତିର ସ୍ରଷ୍ଟା ଅତଗୁରୁ ଲାକ ବଦ୍ରାଙ୍କ ୧୦୫ ତମ ଜୟନ୍ତୀ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରା□ଳର ୧୦ ନମ୍ବର ୱାର୍ଡର ଜେଲୋଜିକାଲ କ୍ୟାମ୍ପ (ମାଝିହାଟିଂ ପରିଚୟ ଗୃହ) ଠାରେ ପାଳିତ ହୋଇ ଯାଇଛି ।ଏହି ଅବସରରେ ଯୋଡା ଆଦିବାସୀ ହୋ ସମାଜର ଉପସଭାପତି ରାଜେସମୁଣ୍ଡାଙ୍କ ନେତୃରେ ଆୟୋଜିତ ହୋଇଥିବାବେଳେ ୱାରାଙ୍ଗଚିତି ଶିକ୍ଷକ ଦୀନେଶ ମୁଣ୍ଡା, ରାସିକା ମୁଣ୍ଡା, ଜାମାଦାର ସିଂ ଲାଗୁରୀ ଏବଂ ଆଦିବାସୀ ହୋ ସମାଜର କର୍ମକର୍ତ୍ତା ସମେତ ବହୁ ମହିଳା ଯୋଗ ଦେଇ ଲାକ ବଦ୍ରାଙ୍କ ଫୋଟରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଥମେ ଆଦିବାସୀ ୱାରାଙ୍ଗ ଚିତି ଲିପି ଶିକ୍ଷକ ଦିନେଶ ମୁଣ୍ଡା ଅଭିଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେୟ ଲାକ ବଦ୍ରା ୱାରାଙ୍ଗଚିତି ଲିପିର ବକ୍ତବ୍ୟ ଦେଇଥିବା ବେଳେ ତାଙ୍କ ନିମନ୍ତେ ୱାରାଙ୍ଗଚିତି ଲିପିର ପ୍ରଚାର ଓ ପ୍ରସାର ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ,ଏହି ଅବସରରେ ୱାରାଙ୍ଗ ଚିତିର ଲିପି ସମ୍ବନ୍ଧରେ କିପରି ପଢି ପାରିବେ ବୋଲି କିଛି ବାର୍ତାଳାପ କରିଥିଲେ, ଏଥିରେ ଯୋଡ଼ା ପୌରା□ଳର ୧୪ ଗୋଟି ୱାର୍ଡର ୨୦୦ ଶହରୁ ଉର୍ଦ୍ଧ ମହିଳା ପୁରୁଷ ଯୋଗ ଦେଇ ଥିବା ବେଳେ ଏଥିରେ ଆଦିବାସୀ ହୋ ସମାଜର ସଦସ୍ୟ ସାତାରି ମୁଣ୍ଡା, ଶମ୍ଭୁ ଚରଣ ହେମ୍ବ୍ରମ, ରାଶିକା ମୁଣ୍ଡା,କଳ୍ପନା ମୁଣ୍ଡା,ପ୍ରମୁଖ ପରିଚଳନା କରିଥିଲେ ।

## ପୌରପାଳିକା ପକ୍ଷରୁ ସମୂହ ସଫେଇ ଅଭିଯାନ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର ମହାଭାରତ) ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନ ରେ ରାଜଗାଙ୍ଗପୁର ପୌର ପାଳିକା ପକ୍ଷରୁ ସହରରେ ସମୁହ ସଫେଇ ଅଭିଯାନ ଚାଲିଛି । ଏହି କ୍ରମରେ ଗତ କାଲି ସହରର ରାଣୀବନ୍ଧ ସ୍ଥିତ ବୀର ବିରସୟ ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ଥିବା ପଡିଆ ଠାରେ ସଫେଇ ଅଭିଯାନ କରାଯାଇଥିଲା । ଉକ୍ତ ସଫେଇ ଅଭିଯାନ ରେ ପୌର ପରିଷଦ ର ଅଧକ୍ଷା ମାଧୁରୀ ଲୁଗୁନ ,ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ ଯୋଗ ଦେଇଥିବା ବେଳେ ବହୁ ସଂଖ୍ୟାରେ ପୌର କର୍ମଚାରୀ ଏବଂ ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ସହଯୋଗ ର ହାତ ବଢ଼ାଇ ଥିଲେ । ଆଜି ୱାର୍ଡ ନଂ ୩ ସ୍ଥିତ ସହରର ସାପ୍ତାହିକ ବଜାର ସମ୍ମୁଖ ରେ ଥିବା ଏକ ପଡିଆ ରେ ପୌର ପରିଷଦ ପକ୍ଷରୁ ସଫେଇ ଅଭିଯାନ କରାଯାଇଥିଲା । ଦୀର୍ଘ ଦିନ ହେବ ଉକ୍ତ ଅଞ୍ଚଳରେ ଅଳିଆ ଗଦା ହୋଇଥିବା ବେଳେ ଏହା ସ୍ତାନୀୟ ଲୋକଙ୍କ ପାଇଁ ଅସ୍ୱାସ୍ଥ କର ପରିବେଶ ସୃଷ୍ଟି କରୁଥିଲାୟୟଆଜି ଉକ୍ତ ସ୍ଥାନ ଟିକୁ ସମୂହ ସଫେଇ ଅଭିଯାନ କାର୍ଯ୍ୟକ୍ରମ ରେ ଏଠାରେ ପଡିଥିବା ଅଳିଆ ଆବର୍ଜନା କୁ ସଫା କରାଯାଇଥିଲା । ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ, ପୌରପାଳିକା ଉପାଧକ୍ଷ ମହମ୍ମଦ ଇରଫା ନ , ପୌରପାଳିକାର ନୋଡାଲ ଅଫର୍ତିକ ଚନ୍ଦ୍ର ମହାରଣା , ସାନି ଟେସନ ଏକ୍ସପର୍ଟ ନାରାୟଣ ରେଡ୍ଡୀ , ସସ୍ମିତା ବିଶୋୟୀ , ସ୍ୱଚ୍ଛ ସୁପର ଭାଇଜର ଦମୟନ୍ତୀ ଦାଶ , ସ୍ୱଚ୍ଛ ସାଥି ପୂର୍ଣ୍ଣିମା ରଣା ପ୍ରମୁଖ ଏହି ସାମୁହିକ ସ୍ୱଚ୍ଛତା ଅଭିଯାନ ରେ ସାମିଲ ହୋଇଥିଲେ । ପ୍ରତେକ ଦିନ ସହରର ବିଭିଉ ୱାର୍ଡ ରେ ଅଳିଆ ଆବର୍ଜନା ଜମି ରହୁଥିବା ସ୍ଥାନ କୁ ବ୍ଲାକ ସ୍ପ ଟ ଭାବରେ ଚିନ୍ହଟ କରାଯାଇ ଏହାକୁ ସଫା କରାଯିବ ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭିକ୍ଟର ସୋରେଙ୍ଗ ଉଲ୍ଲେଖ କରିଛନ୍ତି ।

## ଭାରସାମ୍ୟ ପଛ ରୁ ଅଟୋ କୁ ଧକ୍କା ଦେଲା ବାଇକ ଚାଳକ ଗୁରୁତ୍ୱର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନଂ ରାଜପଥ ସାଧୁପଡା ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଚଳନ୍ତା ଅଟୋ ପଛ ପଟେ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ଗୁରୁତର ହୋଇ ଛନ୍ତି । ବାଇକ ଚାଳକ ଜଣକ ମୟୁରଭଞ୍ଜ ଜିଲ୍ଲା ଜଶୀପୁର ଅନ୍ତର୍ଗତ ସାନସହିଲ ନିବାସୀ ଗୋପାଳ ମାରାଣ୍ଡି ବୋଲି ଜଣାପଡି ଛି । ଗୋପାଳ ସେ ନିଜ ଘର ଯଶିପୁର ସାନସହିଲ ରୁ କେନ୍ଦୁଝର ଜିଲ୍ଲା ସଦର ଥାନା ନରଣପୁର ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଘର ଜ୍ୱାଇଁ ଭାବେ ରହି ଥିବାରୁ ସେ ଘର କୁ ଫେରୁଥିବା ସମୟରେ ପାଟଣା ରେ ଭାରସାମ୍ୟ ହରାଇ ଅଟୋ କୁ ପଛ ପଟ ରୁ ଧକ୍କା ଦେଇଥିଲା । ବାଇକ ଚାଳକ ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇ ଛି । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗୋପାଳ ଚିକିତ୍ସିତ ଥିବା ଜଣାପଡି ଛି

## ମା ମର୍କମା ଉଚ୍ଚ ବିଦ୍ୟାଳୟ ଠାରେ ସ୍କୁଲ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବିଷମ କଟକ(ମହାଭାରତ)ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ମା ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍କୁଲ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଉମାଶଙ୍କର ନିମାଲ୍ ପୁରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହେଇଥିଲା। ଏଥିରେ ଅନେକ ଛାତ୍ର ଛାତ୍ରୀ ମାନେ ଓଡ଼ିଶାର ଲୋକକଳା ପ୍ରସଙ୍ଗରେ ବିଭିଉ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନେ କ୍ଲଷ୍ଟର ସ୍ତରରେ ଅନୁଷ୍ଠିତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଓଡ଼ିଆ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ଶ୍ରୀ କେଦାର ସାହୁକାର, ଇଂରାଜୀ ଅଧ୍ୟାପକ ଦୟାନିଧି ବାଙ୍ଗାର କାର୍ଯକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ କେଶବ ଗୌଡ , ଅଧ୍ୟାପିକା ବିନୟ ମାଝୀ, ଅଧ୍ୟାପକ ଶ୍ରୀଧର ପାତ୍ର ଓ ଅଧ୍ୟାପିକା ଅର୍ଚ୍ଚନା ପାଢ଼ୀ ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ୨୪ ତମ ମାର୍ଶାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ଜାମୁନାଳିଆ ଠାରେ ୨୪ ତମ ମାର୍ଶାଲ ଫୁଟବଲ ଟୁର୍ଣ୍ଣାମେ□ ଗୁରୁବାର ଉଦଯାପିତ ହୋଇଯାଇଛ। ଲାକ ବଦ୍ରା ମିନି ଷ୍ଟାଡିୟମ ଠାରେ ମାର୍ଶଲ ଆକାଳ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇ ୧୯ ତାରିଖ ଦିନ ଶେଷ ହୋଇଥିଲା। ଟୁର୍ଣ୍ଣାମେ□ ରେ ମୋଟ ୩୨ ଟି ଫୁଟବଲ ଟିମ ଅଂଶ ଗ୍ରହଣ କରିଥିଲେ। ଆଧାର ଗ୍ରୁପ ରେ ମାର୍ଶାଲ ଆକଳା ଜମୁନାଳିଆ ଟିମ କୁ ୦-୨ ଗୋଲ ରେ ରାୟଲ ସ୍ପୋର୍ଟ ପୋଖରୀବାଡ଼ି ଟିମ ପରାସ୍ତ କରି ଚମ୍ପିୟାନ ହୋଇଥିଲା ।ଏଥିରେ ୩ୟ ସ୍ଥାନ ସରାସପୋଷୀ ଏବଂ ୪ର୍ଥ ସ୍ଥାନ ଜୁଆଳିକଟା ଫୁଟବଲ ଟିମ ଅଧିକାର କରିଥିଲା। ସେହିପରି ନନ ଆଧାର ଗ୍ରୁପ ର ଫାଇନାଲ ମ୍ୟାଚ ରେ ଆଜାଦ କ୍ଲବ କରଞ୍ଜିଆ ଓ ପ୍ଲୁଏ ବା ବେଲସରେଇ ମଛଗଡ଼ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲାୟମ୍ୟାଚ ରେ କେହି କାହାରିକୁ ଗୋଲ ଦେଇ ନ ପରିବାରୁ ପେନଲଟିକ ଗୋଲ ରେ କରଞ୍ଜିଆ ଆଜାଦ କ୍ଲବ ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା ।ଉଦଯାପନ ଦିବସ ରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ,ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପ□ ପ୍ରମିଳା ଲୁଗୁନ ଓ ସାଲେଇବେଡା ସରପ□ ପେଲଙ୍ଗ ହୋ,ହୋ ଛାତ୍ର ସଂଗଠନ ପ୍ରତିଷ୍ଠାତା ବାଗୁନ ସିଂ ଜାରିକା, ହୋ ଭାଷା କାଉନସିଲ ଠାକୁରମୁଣ୍ଡା ର ଦିବାକର ସୟ, କ୍ଲବ ସଭାପତି ହରିଚରଣ ବାନ୍ଦିଆ ଏବଂ ସମ୍ପାଦକ ବିରେନ୍ଦ୍ର କେରାଇ ଯୋଗଦେଇ ଥିଲେ।

## ପାରାଦୀପ – ମହାମୈତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ

ପାରାଦୀପ(ମହାଭାରତ): ବୁଧବାର ଦିନ ଇଫକୋ ପରିସରରେ ଆୟୋଜିତ ହୋଇଯାଇଛି । ଇଫକୋ ଲେଡିଜ କ୍ଲବ ର ସଭାନେତ୍ରୀ ମମତା ପଟେଲ ଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାରୋଟି କ୍ଲବ କୁ ନେଇ ଏକ ଆନ୍ତଃ-କ୍ଲବ ମିଟ୍ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଲେଡିଜ କ୍ଲବ ର ଉପଦେଷ୍ଟା ଶ୍ରୀମତୀ ସୁଚିସ୍ମିତା ବୋଷ, ଆଇଓସିଏଲ୍ ଏବଂ ପିପିଏଲ ଲେଡିଜ କ୍ଲବ ସଭାନେତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣକାରି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେୟ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ କ୍ଲବ ଦ୍ୱାରା ବିଭିଉ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପିତ ହୋଇଥିଲା ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା କ୍ଲବ ର କଳାକାର ଏବଂ ଉପସ୍ଥିତ ଲୋକଙ୍କ ମଧ୍ୟରେ ସମନ୍ୱୟ, ଏକତା ଏବଂ ବନ୍ଧୁତ୍ୱ ବୃଦ୍ଧି କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଇଫକୋ କ୍ଲବ ର ସଭାନେତ୍ରୀ ଶ୍ରୀମତୀ ପଟେଲ ସୂଚନା ଦେଇଥିଲେ ।

## ସଲାଇବେଡା ପଞ୍ଚାୟତ ରେ ବିଜେପି ର ସଦସ୍ୟତା ଅଭିଯାନ



କରଞ୍ଜିଆ, ୧୯/୦୯(ମହାଭାରତ)ଏବେ ସାରା ରାଜ୍ୟରେ ଚାଲିଛି ବିଜେପି ଦଳର ପ୍ରାଥମିକ ସଦସ୍ୟତା ଅଭିଯାନୟ ଏହି ପରିପ୍ରେକ୍ଷୀରେ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାଲେଇବେଡା ଗ୍ରାମ ପଞ୍ଚାୟତ ର ବିଭିଉ ବୁଥ ଅଞ୍ଚଳ ରେ ଥିବା ସାହି ଏବଂ ବସ୍ତି କୁ ଗସ୍ତରେ ଯାଇ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ସଦସ୍ୟତା ଅଭିଯାନ କୁ ବରାନ୍ୱିତ କରିଥିଲେ । ତାଙ୍କ ସହିତ ରାଇରଙ୍ଗପୁର ସାଙ୍ଗଠନିକ ଜିଲ୍ଲା ର ସମ୍ପାଦକ ବିମଳ କୁମାର ସେନାପତି,ସାଲେଇବେଡା ଗ୍ରାମ ପ□ଞ୍ଚୟେତ ର ସରପ୍ୟଚ ପେଲୋଙ୍ଗ ହୋ, ପୂର୍ବତନ ସରପଞ୍ଚ ସୁକଲାଲ ହୋ, ସାଲେଇବେଡା ପଞ୍ଚାୟତ ପ୍ରମୁଖ ସନ୍ତୋଷ ମହାନ୍ତ,ଶିବ ମହାନ୍ତ, ରସାନନ୍ଦ ଗାଗରାଇ ଏବଂ ଭାରତୀୟ ଜନତା ପାର୍ଟିର ଅନେକ ଉପସ୍ଥିତ ଥିଲେ କାର୍ଯ୍ୟ କର୍ତ୍ତା। ।ସ୍ଥାନୀୟ ବିଧାୟକ କାର୍ଯ୍ୟ କର୍ତ୍ତା ମାନଙ୍କ ସହିତ ସ୍ଥାନୀୟ ପଞ୍ଚାୟତର ବିଭିଉ ଅସୁବିଧା ସୁବିଧା କଥା ଆଲୋଚନା କରି ସେ ସବୁ ର ସମାଧାନ ଖୁବଶିଘ୍ର କରାଯିବ ବୋଲି ପ୍ରକାଶ କରିବା ସହିତ ଦଳର ସଦସ୍ୟତା ଅଭିଯାନ କୁ ସଫଳତାର ସହିତ କରି ପ୍ରତ୍ୟେକ ଙ୍କୁ ୧୦୦ ସଦସ୍ୟତା କରି ନିଜକୁ ଜଣେ ଜଣେ ଏକଟିଭ୍ ମେମ୍ବର ହେବା ପାଇଁ ପରାମର୍ଶ ଦେଇଥିଲେ।

# ଭାରତରେ ଚିହ୍ନଟ ହେଲେ ଦ୍ୱିତୀୟ ମଙ୍କିପକ୍ସ ଆକ୍ରାନ୍ତ




**ନୂଆଦିଲ୍ଲୀ,୧୯।୯ :** ଭାରତରେ ଚିହ୍ନଟ ହୋଇଛନ୍ତି ଦ୍ୱିତୀୟ ମଙ୍କିପକ୍ସ ବା ଏମ୍ପକ୍ସ ଆକ୍ରାନ୍ତ। ଦେଶର ପ୍ରଥମ ମଙ୍କିପକ୍ସ ଆକ୍ରାନ୍ତ ଗତ ୯ ତାରିଖରେ ଚିହ୍ନଟ ହୋଇଥିବା ବେଳେ ତା'ର ୯ ଦିନ ପରେ ଦ୍ୱିତୀୟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦେଶର ଦ୍ୱିତୀୟ ମଙ୍କିପକ୍ସ ମାମଲାଟି କେରଳରୁ ଆସିଛି। ଆଜି କେରଳ ସରକାର ଏ ନେଇ ସ୍ପଷ୍ଟ କରିଛନ୍ତି । କେରଳର ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ଯେ ଜଣେ ୩୮ ବର୍ଷୀୟ ଯୁବକ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କ ଘର ମାଲାପ୍ପୁରମରେ । ସେ ୟୁଏଇରୁ ଫେରିବା ପରେ ମଙ୍କିପକ୍ସ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ଏକାନ୍ତବାସରେ ଅଛନ୍ତି । ଡାକ୍ତରଙ୍କ ପରାମର୍ଶକ୍ରମେ ସମସ୍ତ ପ୍ରକାର ମେଡିକାଲ ପ୍ରୋଟୋକଲରେ ତାଙ୍କ ଚିକିତ୍ସା ଚାଲିଛି । ରାଜ୍ୟରେ କୌଣସି ବ୍ୟକ୍ତି ନିଜ ଶରୀରରେ ମଙ୍କିପକ୍ସର ଲକ୍ଷଣ ସନ୍ଦେହ କଲେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଦେଶରେ ମଙ୍କିପକ୍ସର ପ୍ରଥମ ମାମଲା ଆସିଥିଲା ଦିଲ୍ଲୀରୁ । ଗତ ୯ ତାରିଖରେ ସେ ମଙ୍କିପକ୍ସ ପଜିଟିଭ ଚିହ୍ନଟ ହୋଇଥିଲେ । ସେ ପଶ୍ଚିମ ଆଫ୍ରିକାରୁ ଫେରିବା ପରେ ମଙ୍କିପକ୍ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା । ତାଙ୍କଠାରେ ଲକ୍ଷଣ ଦେଖାଯିବା ପରେ ଚିକିତ୍ସା ଆରମ୍ଭ କରାଯାଇଥିଲା । ପରେ ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା । ତାଙ୍କ ଅବସ୍ଥା ଏବେ ସ୍ଥିର ଅଛି । ଦେଶରେ ଏବେ ମଙ୍କିପକ୍ସକୁ ନେଇ ବ୍ୟାପକ ବିପଦ ନଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ସରକାର କହିଛନ୍ତି ଯେ ଟେଷ୍ଟ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ ଦେଶରେ ମଙ୍କିପକ୍ସର 'କ୍ଲେଡ୍ ୨' ଭାରିୟାଣ୍ଟ ରହିଛି । ୨୦୨୨ ଜୁଲାଇ ପରେ ଏହି ଭାରିୟାଣ୍ଟ ଦ୍ୱାରା ଦେଶରେ ୩୦ ଜଣ ଆକ୍ରାନ୍ତ ହୋଇଛନ୍ତି । ତଥାପି ଗତ ସପ୍ତାହରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ମଙ୍କିପକ୍ସ ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଙ୍କିପକ୍ସ ମଙ୍କିପକ୍ସ ବା ଏମ୍ପକ୍ସର କ୍ଲେଡ୍-୧ ଭାରିୟାଣ୍ଟକୁ ମାରାତ୍ମକ ବୋଲି କହିଛି । ଗତ ମାସ ୧୪ ତାରିଖରେ ସଂସ୍ଥା ପକ୍ଷରୁ ମଙ୍କିପକ୍ସକୁ ହେଲ୍ଥ ଏମର୍ଜେନ୍ସି ଘୋଷଣା କରାଯାଇଥିଲା ।

# ସନ୍ତାନ ଜନ୍ମ କଲେ ୯ ଲକ୍ଷ ପୁରସ୍କାର

**ମସ୍କୋ,୧୯।୯ :** ମଧ୍ୟାହ୍ନ ଭୋଜନ ଛୁଟି ସମୟରେ କିମ୍ବା ଅନ୍ୟ ବିରତି ସମୟରେ ଯୁବବର୍ଗମାନେ ନିଜ ସାଥୀ ମାନଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଉଚିତ ଏବଂ ଶୀଘ୍ର ସନ୍ତାନ ଜନ୍ମ କରିବା ଜରୁରୀ । ୨୪ ବର୍ଷରୁ କମ୍ ମହିଳାମାନଙ୍କୁ ସେମାନଙ୍କର ପ୍ରଥମ ସନ୍ତାନର ଜନ୍ମ ସମୟରେ ୧.୦୨ ଲକ୍ଷ ରୁବଲ୍ (୯,୪୦ ଲକ୍ଷ ଟଙ୍କା) ଦିଆଯିବ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିର୍ଦ୍ଦେଶ ଦେଇଛନ୍ତି । ଦେଶରେ ଜନ୍ମ ହାର ହ୍ରାସ ପାଉଥିବାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ରୁଷିଆରେ ଜନ୍ମ ହାର ପ୍ରତି ମହିଳାଙ୍କ ପିଛା ୧.୫ ସନ୍ତାନ ଥିବାବେଳେ ଜନସଂଖ୍ୟା ହାର ବୃଦ୍ଧି ପାଇଁ ଏବଂ ଏହାକୁ ୨.୧ରେ ପହଞ୍ଚାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି । ୟୁକ୍ରେନ ସହିତ ଯୁଦ୍ଧ ଯୋଗୁ ଦେଶର ଜନସଂଖ୍ୟା ମଧ୍ୟ ହ୍ରାସ ପାଇଛି। ପ୍ରାୟ ୧୦ ଲକ୍ଷ ଯୁବକ ଦେଶ ଛାଡି ପଳାଇଛନ୍ତି। ତେଣୁ ପୁଟିନ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏହି ନିର୍ଦ୍ଦେଶ ଜାରି କରିବାବେଳେ ରୁଷିଆର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ୟେଭେଗେନି ଶେଷ୍ଟୋପାଲୋଭ ଦେଶର ଜନ୍ମ ହାର ବୃଦ୍ଧିରେ ସହଯୋଗ କରିବାକୁ ଯୁବବର୍ଗମାନଙ୍କୁ ନିବେଦନ କରିଛନ୍ତି, କାରଣ କେଉଁସି ଦେଶର ଜନସଂଖ୍ୟା ଭବିଷ୍ୟତ ସେହି ଦେଶର ବିକାଶ ହାର ସ୍ଥିର କରିଥାଏ । କିନ୍ତୁ କିଛି ସମୟ ଧରି ଦେଶର ଜନ୍ମ ହାର ହ୍ରାସ ହେଉଛି । ତେଣୁ ଯୁବବର୍ଗମାନଙ୍କୁ କାମ କରିବା କିମ୍ବା ବ୍ୟବସାୟ କରିବା ସମୟରେ ବିରତି ସମୟରେ ସେମାନଙ୍କ ସାଥୀ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି । ଏହା ସହିତ ସମ୍ପୃକ୍ତ ଯୁବବର୍ଗମାନେ ସେମାନଙ୍କ ପରିବାରର ସଦସ୍ୟ ସଂଖ୍ୟାକୁ ଆଗକୁ ନେବା ସହିତ ଦେଶର ବିକାଶ ଏବଂ ଭବିଷ୍ୟତ ବିଷୟରେ



ଚିନ୍ତା କରିବା ଆବଶ୍ୟକ । ଏହା ଏକ ବହୁତ ଭଲ ସୁଯୋଗ ଏବଂ ଏଥିପାଇଁ ସରକାର ଯୁବବର୍ଗଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିବେ । ଏହା ଦେଶର ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଦେଶର ଲୋକଙ୍କ କର୍ତ୍ତବ୍ୟ ମଧ୍ୟ । ରୁଷିଆର ପୁଟିନ ସରକାର ଜନ୍ମ ହାର ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନେଇସାରିଛନ୍ତି । ଉଦାହରଣ ସ୍ୱରୂପ, ମସ୍କୋରେ ୧୮ରୁ ୪୦ ବର୍ଷ ବୟସର ମହିଳାମାନଙ୍କୁ ମାଗଣା ଗର୍ଭଧାରଣ ପରୀକ୍ଷା କରିବାକୁ ସୁଯୋଗ ପ୍ରଦାନ କରାଯାଇଛି । ସାଂସଦ ତାତିଆନା ବଟସ୍କାୟା ଏକ ଯୋଜନାରେ ପ୍ରସ୍ତାବ ଦେଇଛନ୍ତି ଯେ, କମ୍ପାନୀମାନେ ସେମାନଙ୍କର ମହିଳା କର୍ମଚାରୀମାନଙ୍କୁ ସନ୍ତାନ ପ୍ରସବ କରିବାକୁ ଉତ୍ସାହିତ କରିବାକୁ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ ।ଏଥିପାଇଁ ସେମାନେ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରିପାରିବେ । ଚେଲାବିନ୍ସ ସହରରେ ୨୪ ବର୍ଷରୁ କମ୍ ଯୁବତୀମାନଙ୍କୁ ସେମାନଙ୍କର ପ୍ରଥମ ସନ୍ତାନର ଜନ୍ମ ପରେ, ୮,୫୦୦ ପାଉଣ୍ଡ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି । ରୁଷିଆରେ ଗର୍ଭପାତକୁ ନିଷେଧ କରାଯାଇଛି । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ଶେଷ କରିବା ପାଇଁ ଛାଡପତ୍ର ଫି ବୃଦ୍ଧି କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ୨୦୨୪ ରେ ରୁଷିଆ ସରକାରଙ୍କ ଦ୍ୱାରା ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୪ର ପ୍ରଥମାର୍ଦ୍ଧରେ ରୁଷିଆର ଜନ୍ମ ହାର ଗତ ୨୫ ବର୍ଷ ମଧ୍ୟରେ ସର୍ବନିମ୍ନ ଥିଲା। ଜୁନ୍ ମାସରେ ଜନ୍ମ ହାର ପ୍ରଥମ ଥର ପାଇଁ ଏକ ଲକ୍ଷରୁ କମ୍ ହୋଇଯାଇଥିଲା । ଜାନୁଆରୀ ୨୦୨୪ରୁ ଜୁନ୍ ୨୦୨୪ ମଧ୍ୟରେ ୬ ମାସରେ ରୁଷିଆରେ ୫୯୯୬୦୦ଶିଶୁ ଜନ୍ମ ହୋଇଥିଲେ । ଏହି ସଂଖ୍ୟା ୨୦୨୩ ଠାରୁ ୧୬୦୦୦କମ୍ ଥିଲା । ୨୦୨୪ ବର୍ଷରେ ଏପର୍ଯ୍ୟନ୍ତ ୪୯,୦୦୦ ଅଧିକ ଲୋକ ଗତ ବର୍ଷ ତୁଳନାରେ ପ୍ରାଣ ହରାଇଥିବା ରିପୋର୍ଟରେ ପ୍ରକାଶ ପାଇଛି ।

# ତେଜପ୍ରତାପ ଯାଦବଙ୍କ ନାଁରେ ଆସିଲା ସମନ

**ନୂଆଦିଲ୍ଲୀ,୧୯।୯ :** ଆରଜେଡି ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଅଡୁଆ ବଢ଼ିଲା । ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ପୂର୍ବରୁ ଲାଲୁଙ୍କ ସମେତ ତାଙ୍କ ପରିବାରର ଅନ୍ୟ ସଦସ୍ୟ ଫସିଥିବା ବେଳେ ଏଥର ଏଥିରେ ସାମିଲ ହୋଇଛି ତେଜପ୍ରତାପ ଯାଦବଙ୍କ ନାଁ । ଲାଲୁଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କ ନାଁରେ ପ୍ରଥମ ଥର ପାଇଁ ଜାରି ହୋଇଛି ସମନ । ଆସନ୍ତା ୭ ତାରିଖରେ ଏହି ମାମଲାର ଶୁଣାଣି ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଉକ୍ତ ଦିନ ଲାଲୁ ଯାଦବଙ୍କ ସମେତ ତାଙ୍କ ପରିବାରର ୮ ଜଣ ହାଜିର ହେବାକୁ କୋର୍ଟ ସମନ ଜାରି କରିଛନ୍ତି । ଏହି ମାମଲାରେ ଲାଲୁଙ୍କ ସମେତ ତାଙ୍କ ଦୁଇ ପୁଅ ତେଜସ୍ୱୀ ଯାଦବ ଓ ତେଜ ପ୍ରତାପ ଯାଦବଙ୍କୁ ଅଭିଯୁକ୍ତ ଭାବେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଇଡି ନିଜ ଚାର୍ଜଶିଟ୍‌ରେ ତେଜପ୍ରତାପଙ୍କ ନାଁ ସାମିଲ କରି ନ ଥିଲା । ମାତ୍ର ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ତେଜ ପ୍ରତାପଙ୍କ ଭୂମିକାକୁ ଏଡ଼ାଇ ଦିଆଯାଇ ପାରିବନି କହି ତାଙ୍କ ନାଁରେ ସମନ ଜାରି କରିଛନ୍ତି କୋର୍ଟ ।ଚାକିରି ପାଇଁ ଜମି ଦୁର୍ନୀତି ଘଟଣାରେ ମାମଲା ଚଳୁ କରିବାକୁ ପର୍ଯ୍ୟାପ୍ତ ପ୍ରମାଣ ଥିବା କହିଛନ୍ତି କୋର୍ଟ । କୋର୍ଟଙ୍କ କହିବାନୁଯାୟୀ, ଯାଦବ ପରିବାର କ୍ଷମତାରେ ଥିବା ବେଳେ ବହୁ ପରିମାଣର ଜମି ନିଜ ନାଁକୁ ଟ୍ରାନ୍ସଫର କରାଯାଇଛି । ଲାଲୁ ଯାଦବ ମନି ଲଣ୍ଡରିଂ ମାମଲାରେ ବି ସାମିଲ ଥିଲେ । ତେଜସ୍ୱୀଙ୍କ ବିରୋଧରେ ବି ପର୍ଯ୍ୟାପ୍ତ ପ୍ରମାଣ ଅଛି । ଚାକିରି ପାଇଁ ଜମି ଦୁର୍ନୀତି ମାମଲା ୨୦୦୪ରୁ ୨୦୦୯ ମସିହା ମଧ୍ୟରେ ଘଟିଛି । ରେଳ ମନ୍ତ୍ରୀ ଥିବା ବେଳେ ଲାଲୁ ଯାଦବ ନିଜ ପଦର ଅପବ୍ୟବହାର କରିଥିଲେ । ଜମି ବଦଳରେ ସେ ଗ୍ରୁପ ଡି ପୋଷ୍ଟରେ ବହୁ ଜଣଙ୍କୁ ଚାକିରିରେ ଭର୍ତ୍ତି କରାଇଥିଲେ । କୋର୍ଟ କହିଛନ୍ତି ୨୦୦୪ ମସିହାରେ ରାବ୍ରୀ ଦେବୀ, ତେଜସ୍ୱୀ, ତେଜପ୍ରତାପଙ୍କ ନାଁକୁ ବହୁ ଜମି ଟ୍ରାନ୍ସଫର କରାଯାଇଛି । ଲାଲୁଙ୍କ ଝିଅ ମିସା ଭାରତୀଙ୍କ ନାଁରେ ବି ବହୁ ଜମି ଟ୍ରାନ୍ସଫର ହୋଇଛି। ଏହା ବଦଳରେ ଜମି ଟ୍ରାନ୍ସଫର କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଚାକିରି ମିଳିଥିବାର ପ୍ରମାଣ ରହିଛି ।

# ସମସ୍ତ ଅଗ୍ନିବୀରଙ୍କୁ ମିଳିବ ଚାକିରୀ

**ନୂଆଦିଲ୍ଲୀ,୧୯।୯ :** ସମସ୍ତ ଅଗ୍ନିବୀରଙ୍କୁ ମିଳିବ ଚାକିରି । ସେନାରୁ ଆସିଥିବା ପ୍ରତ୍ୟେକ ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯିବ । ଦେଶରେ ସେମାନଙ୍କ ପାଇଁ ୨୦ ପ୍ରତିଶତ ସଂରକ୍ଷଣ କରାଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ହରିଆଣାରେ ନିର୍ବାଚନ ରାଲିକୁ ସମ୍ବୋଧିତ କରି ଏଭଳି କିଛି ପ୍ରତିଶ୍ରୁତି ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଫରିଦାବାଦର ସେକ୍ଟର -୧୨ ରେ ଆୟୋଜିତ ବିଜେପି ନିର୍ବାଚନ ରାଲିରେ ଅମିତ ଶାହ କହିଥିଲେ ଯେ ସେନାରୁ ଆସୁଥିବା ପ୍ରତ୍ୟେକ ଅଗ୍ନିବୀରରଙ୍କୁ ଚାକିରି ମିଳିବ । ଦେଶରେ ସେମାନଙ୍କ ପାଇଁ ୨୦ ପ୍ରତିଶତ ସଂରକ୍ଷଣ ରହିଛି । ଅବଶିଷ୍ଟ ସମସ୍ତଙ୍କୁ ହରିଆଣାରେ ଚାକିରି ଦିଆଯିବ। ଶାହ ଆହୁରି କହିଥିଲେ, 'ହରିଆଣା ତା'ର ସୈନିକ, କୃଷକ ଏବଂ ଖେଳାଳିଙ୍କ ପାଇଁ ଜଣାଶୁଣା । ସେନାରେ ହରିଆଣାର ଅଧିକ ସୈନିକ ଅଛନ୍ତି । ହରିଆଣା ହେଉଛି ଦେଶର ଗର୍ବ। ହରିଆଣାର କୃଷକ ଦେଶର ଲୋକଙ୍କ ପେଟ ଭରନ୍ତି। ହରିଆଣାର ଖେଳାଳି ପଦକ ଜିତି ବିଶ୍ୱରେ ନିଜର ନାମ ପ୍ରସିଦ୍ଧ କରୁଛନ୍ତି।'ଆଉ ମାତ୍ର ଦିନ କେଇଟା ପରେ ହରିଆଣା ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ସବୁ ରାଜନୈତିକ ଦଳର ନେତାମାନେ ମୈଦାନକୁ ଓହ୍ଲାଇଛନ୍ତି । ଘନ ଘନ ପ୍ରଚାର କରୁଛନ୍ତି । ଏହି କ୍ରମରେ ଗତକାଲି ଗୃହମନ୍ତ୍ରୀ ଅମିତ ଶାହ ହରିଆଣାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ କେନ୍ଦ୍ର ରାଜ୍ୟ ମନ୍ତ୍ରୀ କୃଷ୍ଣପାଲ ଗୁର୍ଜର ଏବଂ ହରିଆଣା ବିଜେପି ରାଜ୍ୟ ସଭାପତି ମୋହନଲାଲଙ୍କ ସହ ଫରିଦାବାଦ ଜିଲ୍ଲାର ସମସ୍ତ ୬ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ପ୍ରାର୍ଥୀମାନେ ମଧ୍ୟ ଉପସ୍ଥିତ ଥିଲେ ।

# ମିଳୁନି ପ୍ରୋତ୍ସାହନ; କାଙ୍ଗୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**କୋରାପୁଟ,(ନି.ପ୍ର):** ଲଘୁ ଖାଦ୍ୟଶସ୍ୟର ସଂରକ୍ଷଣ ଓ ତାହାର ବ୍ୟବହାର ଲାଗି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଓଡିଶା ମିଲେଟ୍ ମିସନ୍। ଏଥିରେ ମାଣ୍ଡିଆକୁ ଗୁରୁତ୍ୱ ଦିଆଯାଇଥିବା ବେଳେଅନ୍ୟ କ୍ଷୁଦ୍ରଶସ୍ୟକୁ ଅଣଦେଖା କରାଯାଉଛି। କାଙ୍ଗୁ ଭଳି କ୍ଷୁଦ୍ରଶସ୍ୟ ଚାଷ କରୁଥିବା ଚାଷୀ ପ୍ରୋତ୍ସାହନରୁ ବାଦ ପଡୁଛନ୍ତି। ଏହାର ପ୍ରଭବାରେ ପୂର୍ବ ଅପେକ୍ଷା କୋରାପୁଟ ଜିଲ୍ଲାରେ କାଙ୍ଗୁ ଚାଷ ଯଥେଷ୍ଟ କମିଯାଇଛି। ହାତଗଣତି କେତେକ ଚାଷୀ ଏହି ଚାଷ କରୁଛନ୍ତି। ତେଣୁ ଚାଷୀଙ୍କ ନିକଟରେ ମଧ୍ୟ ଆଉ ପାରମ୍ପରିକ ବିହନ ଦେଖିବାକୁ ମିଳୁନି। କାଳକ୍ରମେ ଏହା ହଜିବାକୁ ବସିଲାଣି। ଜିଲ୍ଲାର ନନ୍ଦପୁର, ଲମତାପୁଟ, ପଟାଙ୍ଗି ଓ ଦଶମନ୍ତପୁର ଆଦି ବ୍ଲକ୍ ସମେତ ଅନ୍ୟ କେତେକ ସ୍ଥାନରେ କାଙ୍ଗୁ ଚାଷ ହେଉଛି। ମିଲେଟ୍ ମିସନ୍ ପକ୍ଷରୁ ପ୍ରାୟ ଶହେ ହେକ୍ଟର ଜମିରେ ଏହି ଚାଷ କରାଯାଉଛି। ମାଣ୍ଡିଆ ଭଳି ଏହାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସପି) ନାହିଁ। ବଜାରୀକରଣ ବ୍ୟବସ୍ଥା ନଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। କେଜି ପ୍ରତି ଶହେ ଟଙ୍କାରେ ବାହାର ଅଞ୍ଚଳର ବ୍ୟବସାୟୀମାନେ ଏହାକୁ କିଣି ନେଉଛନ୍ତି। ପରେ ବିଭିନ୍ନ କମ୍ପାନିର ଟ୍ୟାଗ୍ ଲଗାଇ ମୋଟା ଅଙ୍କରେ ଇ-ବଜାର ଓ ମଲ ଗୁଡିକରେ ବିକ୍ରି କରାଯାଉଛି। ଔଷଧୀୟ ଗୁଣ ପାଇଁ ଲୋକେ ଏହାକୁ କିଣି ନେଉଛନ୍ତି। କୋରାପୁଟ ଜିଲ୍ଲାରେ ୭୪ହଜାର ହେକ୍ଟର ଜମିରେ ମାଣ୍ଡିଆ ଓ ସୁଆଁ, କାଙ୍ଗୁ, ବାଜରା, ଖେଦଜନା ଚାଷ ହେଉଛି। ଏଥିରୁ ୫୫ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଥିବା ବେଳେ ୧୫ହଜାର ହେକ୍ଟରରେ ସୁଆଁ, ବଳକା ଜମିରେ କାଙ୍ଗୁ, ବାଜରା, ଖେଦଜନା ଆଦି ଚାଷ ହେଉଥିବା କୃଷି ବିଭାଗରୁ ସୂଚନା ମିଳିଛି। ଚାଷୀ ପୂର୍ଣ୍ଣ ପାଙ୍ଗୀ କହିଛନ୍ତି, ତାଙ୍କ ବାପା ଓ ଜେଜେ ବାପା କାଙ୍ଗୁ ଚାଷ ବହୁତ୍ ପରିମାଣରେ କରୁଥିଲେ। ବର୍ତ୍ତମାନ୍ ଏହା କମି ଯାଇଛି। ଚାଷ ଜମିର ହିଡ଼ରେ ଏହା କରାଯାଉଛି। ପୂର୍ବରୁ ଭଟା ଜମି(ଡଙ୍ଗର) ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ଚାଷ ହେଉଥିଲା । ବର୍ତ୍ତମାନ ବହୁ ପାରମ୍ପରିକ ବିହନ ଲୋପ ପାଇବାକୁ ବସିଲାଣି। ମାଣ୍ଡିଆ ଭଳି ଏହାକୁ ପ୍ରୋତ୍ସାହନ ଦେଲେ ଚାଷ ବୃଦ୍ଧି ପାଇବ। ଅନ୍ୟଜଣେ ଚାଷୀ



ସହଦେବ ମୁଦୁଲି କହିଛନ୍ତି, କାଙ୍ଗୁର ପାରମ୍ପରିକ ବିହନ ଗୁଡ଼ିକର ସଂରକ୍ଷଣ ଆବଶ୍ୟକ। ସରକାର ଖାଦ୍ୟରେ ପୋଷଣ ଥିବା କ୍ଷୁଦ୍ର ଖାଦ୍ୟଶସ୍ୟ ଗୁଡ଼ିକର ବ୍ୟବହାର ପାଇଁ କହୁଛନ୍ତି। ଅଥଚ ପ୍ରୋତ୍ସାହନ ଦେଉନାହାନ୍ତି। ପୂର୍ବରୁ ସ୍ଥାନୀୟ ଲୋକ ହିଁ ଏହାକୁ ଖାଉଥିଲେ। ବର୍ତ୍ତମାନ ଏହାର ବ୍ୟବହାର ବହୁଳ ପରିମାଣରେ ହେଉଛି। ଲୋକେ କାଙ୍ଗୁରେ ବିରିଆନି, ପଲାଉ, କ୍ଷୀରି, ଦୋଷା ଓ ଉପମା ଭଳି ଖାଦ୍ୟ ପ୍ରସ୍ତୁତକରି ଖାଉଛନ୍ତି। ତଥାପି ଚାଷ କମି କମି ଯାଉଛି। ଏହାର ସଂରକ୍ଷଣ ଜରୁରୀ। ଏ ସମ୍ପର୍କରେ ଆତ୍ମାର ଡେପୁଟି ପ୍ରୋଜେକ୍ଟ ଡାଇରେକ୍ଟର ତାପସଚନ୍ଦ୍ର ରାୟ କହିଛନ୍ତି, ମିଲେଟ ମିଶନ୍ ଅଧୀନରେ ୭୦ ପ୍ରତିଶତ ମାଣ୍ଡିଆ ଚାଷ କରାଯାଉଛି। ୩୦ ପ୍ରତିଶତ କାଙ୍ଗୁ ଓ ଅନ୍ୟ ମିଲେଟ୍ ଜାତୀୟ ଚାଷ ଗୁଡ଼ିକ ହେଉଛି। କାଙ୍ଗୁରେ ପ୍ରୋଟିନ୍, ଫାଇବର ଓ ଆବଶ୍ୟକ ପୋଷକତତ୍ୱ ଭରପୁର ମାତ୍ରାରେ ରହିଛି। ଏହାର ବେଞ୍ଚ ମାକିଂ ପ୍ରାଇସ୍ ସ୍ଥିର କରିବା ପାଇଁ ମିଲେଟ୍ ମିଶନ ପକ୍ଷରୁ ଏକ କମିଟି ଗଠନ କରାଯାଇଥିଲା। କାଙ୍ଗୁ ଓ ସୁଆଁ ପାଇଁ ବେଂଚ ମାର୍କ ଦର କିଲୋ ପିଛା ୪୨ଟଙ୍କା ନିର୍ଦ୍ଧାରିତ କରାଯାଇଥିଲା। ତେବେ ପୁରୁଣା ସରକାର ଏହାକୁ ଅନୁମୋଦନ କରି ନଥିଲେ। ନୂଆ ସରକାର ଏ ଯାଏଁ କାର୍ଯ୍ୟକାରୀ କରି ନାହାନ୍ତି। ଏହାକୁ କାର୍ଯ୍ୟକାରୀ କରିଲେ ଚାଷୀ ଲାଭବାନ ହୋଇପାରିବେ ଏବଂ ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ସେକ୍ଟର ସ୍ତରୀୟ ପୋଷଣ ମାସ ପାଳିତ

**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଠାରେ ଗୁରୁବାର ଦିନ ସେକ୍ଟର ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ସେକ୍ଟର ସୁପ୍ରଭାଇଜର ବିଳାସିନୀ ପାଣିଗ୍ରାହୀଙ୍କ ସଂଯୋଜନା ଏବଂ ସାଧନା ମହିଳା ସଂଘର ସଭାପତି ପି .ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ ଏବଂ ସ୍ଥାନୀୟ ସରପଞ୍ଚ ରୀନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁସ୍ଥ ଭାରତ ଏବଂ ସଶକ୍ତ ଭାରତ ଗଠନ ଦିଗରେ ସମସ୍ତଙ୍କୁ ପୋଷଣଯୁକ୍ତ ଶ୍ରୀଅନ୍ନର ଆବଶ୍ୟକତା ରହିଥିବା ବେଳେ ଏଥିପାଇଁ ସବୁ ସ୍ତରରେ ସମ୍ମିଳିତ ଉଦ୍ୟମ କରାଯିବା ଦରକାର ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ପ୍ରଦର୍ଶନ କରାଯିବା ସହ ଦୁଇ ଶିଶୁଙ୍କ ଅନ୍ନପ୍ରାଶନ କରାଇଥିବା ମା' ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା। ଅଙ୍ଗନବାଡି କର୍ମୀ ଗାୟତ୍ରୀ ପାତ୍ର, ରଶ୍ମିତା ପାତ୍ର, ଅର୍ଚ୍ଚନା ପାଢୀ, ଭାରତୀ ପାଢ଼ୀ, ରୋଜି ପ୍ରଧାନ, ଅଳକା ମହାନ୍ତି, ଏନ୍. କସ୍ତୁରୀ, ସ୍ନେହଲତା ବେହେରା, ଝୁନୁ ସେଠୀ, ଗୌରୀ ସେଠୀ, ସବିତା ବେହେରା, ସ୍ନେହଲତା ଆଚାରୀ, ଅହଲ୍ୟା ପ୍ରଧାନ, ସୁନିତା ପାତ୍ର, ଆଶାଲତା ଦୋରା, ସରିତା ପ୍ରଧାନ, ବିଦେଶିନୀ ବିଷୋୟୀ, ସରିତା ନାହାକ, ରଞ୍ଜିତା ବେହେରା, ପ୍ରମୁଖ ସହଯୋଗ କରିଥିଲେ।

## ଇଭିଯାନ ଉପରେ ଲୋଭନୀୟ ମୂଲ୍ୟ ସହିତ ଟାଟାଡ଼ଟଇଭିର "ଫେଷ୍ଟିଭାଲ ଅଫ କାରସ" ପାଳନ

**ଭୁବନେଶ୍ୱର,୧୯।୯ (ମହାଭାରତ):** ଟାଟାଡ଼ଟଇଭି ଭାରତର ଅତି ଲୋକପ୍ରିୟ ଇଲେକ୍ଟ୍ରିକ ଚଳମାନ କ୍ରାନ୍ତିକାରୀ, ପୂର୍ବରୁ କେବେ ଆସି ନଥିବା ଏଭଳି ଏକ ମୂଲ୍ୟର ଅଂଶ ବିଶେଷ ଭାବରେ "ଫେଷ୍ଟିଭାଲ ଅଫ କାରସ" ପାଳନର ଘୋଷଣା କରିଛି ଏବଂ ଏହା ମଧ୍ୟରେ ସର୍ବାଧିକ ବିକ୍ରୟକାରୀ ମଡ଼େଲ ଯେଉଁ ଯାନ ଗୁଡ଼ିକ ରହିଛି ସେଗୁଡ଼ିକ ହେଉଛି - ଟିଆଗୋଡ଼ଟଇଭି, ପଂଚଡ଼ଟଇଭି ଏବଂ ନେକ୍ସନଡ଼ଟଇଭି । ମୁଖ୍ୟସ୍ରୋତରେ ଥିବା ଗ୍ରାହକମାନଙ୍କୁ ଇଭି ଯାନର ଗ୍ରହଣୀୟତା ପ୍ରତି ଅଧିକ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ, ଏହାର ମୂଲ୍ୟ ହ୍ରାସ କରାଯାଇଛି ଯେପରିକି ନେକ୍ସନଡ଼ଟଇଭି ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥିବା ବେଳେ ପଂଚଡ଼ଟଇଭିରେ ୧.୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ।

ଟାଟାଡ଼ଟଇଭି ଆଂଚଳିକତା ତଥା ପ୍ରଯୁକ୍ତି ସୁବିଧା ଗୁଡ଼ିକରେ ଏହାର ଗ୍ରାହକମାନଙ୍କ ପାଇଁ ଆହୁରି ଅଧିକ ବୃଦ୍ଧି କରିବା ସହିତ, ଗତମାସରେ ଶୁଭାରମ୍ଭ ହୋଇଥିବା କର୍ଭିଡ଼ଟଇଭିର ଆଇସିଇ ମୂଲ୍ୟ ସହିତ ସମାନ ମୂଲ୍ୟରେ ପ୍ରଦାନ କରିବାରେ ସକ୍ଷମ ହୋଇପାରିଛି। ଏଭଳି ଏକ ବିଶେଷ ଅଫର ସହିତ, ଟାଟାଡ଼ଟଇଭି ନେକ୍ସନଡ଼ଟଇଭିର ସର୍ବୋତ୍କୃଷ୍ଟ ବିକ୍ରୟ ମୂଲ୍ୟ ସହିତ ଏକା ସାଙ୍ଗରେ ଆଇସିଇ ମଡ଼େଲ ମଧ୍ୟ ସୀମିତ ରହଣି ଅବଧି ମଧ୍ୟରେ ପ୍ରଦାନ କରୁଅଛି। ଏଭଳି ଏକ ଅତ୍ୟନ୍ତ ଅପ୍ରତିଯୋଗୀ ମୂଲ୍ୟ ବ୍ୟତିତ, ଗ୍ରାହକମାନେ ଅତ୍ୟଧିକ ଚଳନ୍ତି ଖର୍ଚ୍ଚକୁ ଉପଭୋଗ କରିବା ସହିତ ଧିର ତଥା ସରଳ ଚାଳକ ଯୁକ୍ତ ବିଶେଷତ୍ୱ ମଧ୍ୟ ଉପରେ ଦିଆଯାଇଥିବା ଦୁଇଟି ବର୍ଗରୁ ପାଇପାରିବେ।

ନିଜ ସହର ଭିତରେ କିମ୍ବା ଅନ୍ୟ ରାଜ୍ୟ ଭିତରେ ସମଗ୍ର ଭାରତରେ ୫୫୦୦ରୁ ଅଧିକ ଟାଟା ପାୱାର ଚାର୍ଜିଙ୍ଗ ପଏଂଟ ଖୋଲାଯାଇଛି ଯାହା ଦ୍ୱାରା ଗ୍ରାହକମାନେ ୬ ମାସର ସମ୍ପୂର୍ଣ୍ଣ ମାଗଣା ଚାର୍ଜିଙ୍ଗର ସୁବିଧା ପାଇବା ସହିତ ଏକ ବାଧା ବିହିନ ଗାଡ଼ି ଚାଳନାର ଆନନ୍ଦ ନେଇପାରିବେ। ତେଣୁ ବ?ମାନ ହିଁ ହେଉଛି ପ୍ରକୃତ ସମୟ ଯେଉଁଥିରେକି ଗ୍ରାହକମାନେ ନିଜର ଅତି ପ୍ରିୟ ଇଭି ଯାନକୁ ସବୁଠାରୁ ଆକର୍ଷଣୀୟ ମୂଲ୍ୟରେ ଘରକୁ ଆଣିପାରିବେ ଯାହାକି କେବଳ ୩୧ ଅକ୍ଟୋବର ୨୦୨୪ର ଏକ ସୀମିତ ଅବଧିର ଉତ୍ସବ ଅଫର ଉପଲବ୍ଧ ସହିତ।

## ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡର ୪୮.୫୧ କୋଟି ଟଙ୍କାର ରାଇଟ୍ସ୍ ଇସ୍ୟୁ ସେପ୍ଟେମ୍ବର ୧୯ରୁ ଉନ୍ମୁକ୍ତ

**ଭୁବନେଶ୍ୱର,୧୯।୯ (ମହାଭାରତ):** ଭାରତରେ ପ୍ରାକୃତିକ ଷ୍ଟୋନଗୁଡିକର ଏକ ଅଗ୍ରଣୀ ପ୍ରକ୍ରିୟାକରଣକାରୀ ଓ ଟ୍ରେଡର ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ (ବିଏସ୍ଇ-୫୩୨୮୧୭, ଏନଏସ୍ଇ - ଓଆରଆଇଇଏନ୍ଟିଏଏଲଟିଏଲ୍)ର ୪୮.୫୧ କୋଟି ଟଙ୍କାର ରାଇଟ୍ସ୍ ଇସ୍ୟୁ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୪ ସେପ୍ଟେମ୍ବର ୧୯ରୁ ଉନ୍ମୁକ୍ତ ହୋଇଛି। ରାଇଟ୍ସ୍ ଇସ୍ୟୁ ଜରିଆରେ ସଂଗ୍ରହ ହେବାକୁ ଥିବା ପାଣ୍ଠିକୁ କମ୍ପାନୀର ତାମିଲନାଡୁରେ ମାର୍ବଲ ବ୍ଲକ୍ ନିମନ୍ତେ ଅତିରିକ୍ତ ଯନ୍ତ୍ରପାତି ସ୍ଥାପନ ବାବଦ ମୂଳଧନ ବ୍ୟୟ, ଓଡ଼ିଶାରେ 'ଜେଟ୍ ବ୍ଲାକ' ଗ୍ରାନ୍ଧବଙ୍କ କ୍ୱାରୀର ବିକାଶ, ସୋ'ରୁମ୍-ତଥା-ଗୋଦାମଘର ନିର୍ମାଣ ନିମନ୍ତେ ମୂଳପାଣ୍ଠି ବ୍ୟୟ, କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା, ଋଣ ପରିଶୋଧ ଏବଂ ସାଧାରଣ କମ୍ପାନୀ ପରିଚାଳନା ସମେତ କମ୍ପାନୀର ସମ୍ପ୍ରସାରଣ ଯୋଜନାରେ ବିନିଯୋଗ କରାଯିବ। କମ୍ପାନୀର ସେୟାର ମୂଲ୍ୟ ୨୦୨୪ ସେପ୍ଟେମ୍ବର ୧୮ ତାରିଖରେ ୧୬.୯୦ ଟଙ୍କାରେ ବନ୍ଦ ହୋଇଥିବାବେଳେ ଏହାର ରାଇଟ୍ସ୍ ଇସ୍ୟୁ ସେୟାର ପିଛା ୧୧ ଟଙ୍କାରେ ଯୋଗାଇ ଦିଆଯାଉଛି। ରାଇଟ୍ସ୍ ଇସ୍ୟୁ ୨୦୨୪ ସେପ୍ଟେମ୍ବର ୨୭ ତାରିଖରେ ବନ୍ଦ ହେବ।

କମ୍ପାନୀ ନଗଦ ଅର୍ଥ ବିନିମୟରେ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ଇକ୍ୱିଟି ସେୟାରକୁ ପ୍ରତି ଇକ୍ୱିଟି ସେୟାର ପିଛା ୧୧ ଟଙ୍କା ମୂଲ୍ୟରେ ମୋଟ ୪.୪ କୋଟି ଫୁଲି ପେଡ ଅପ୍ ଇକ୍ୱିଟି ସେୟାର ଇସ୍ୟୁ କରିବ, ଯାହା ମୋଟ ୪୮.୫୧ କୋଟି ଟଙ୍କା ମୂଲ୍ୟର ହେବ। ପ୍ରସ୍ତାବିତ ଇସ୍ୟୁ ନିମନ୍ତେ ରାଇଟ୍ସ୍ ଏନଟାଇଟଲମେଣ୍ଟ ଅନୁପାତ ୩:୨ ସ୍ଥିର କରାଯାଇଛି (ରେକର୍ଡ ତାରିଖ-୨୦୨୪ ସେପ୍ଟେମ୍ବର ୫ ତାରିଖରେ ଇକ୍ୱିଟି ସେୟାରଧାରକଙ୍କ ନିକଟରେ ରହିଥିବା ପ୍ରତ୍ୟେକ ୨ଟି ଫୁଲି-ପେଡ଼ଅପ ଇକ୍ୱିଟି ସେୟାର ପାଇଁ ପ୍ରତ୍ୟେକ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ୩ଟି ରାଇଟ୍ସ୍ ଇକ୍ୱିଟି ସେୟାର)। ରାଇଟ୍ସ୍ ଏନଟାଇଟେଲମେଣ୍ଟର ଅନ୍-ମାର୍କେଟ ତ୍ୟାଗ (ରେନୁନ୍‌ସିଏସନ) ଶେଷ ତାରିଖ ୨୦୨୪ ସେପ୍ଟେମ୍ବର ୨୪ ରଖାଯାଇଛି। ୧୯୯୬ରେ ପ୍ରତିଷ୍ଠିତ ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ପ୍ରିମିୟମ ଇଟାଲିଆନ୍ ଏବଂ ଅନ୍ୟ ମାର୍ବଲଗୁଡିକ ଭାରତୀୟ ବଜାରକୁ ଯୋଗାଇ ଦେଉଛି।

## ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଟିଏସ୍ଏଫ୍ ସହଯୋଗରେ ଆଂଚଳିକ ସମ୍ବାଦ୍



**ବାଲିଆପାଳ,୧୯।୯ (ମହାଭାରତ):** ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ସହଯୋଗରେ ଦେଉଳା ଗ୍ରାମ ପଂଚାୟତରେ ଏକ ଆଂଚଳିକ ସମ୍ବାଦ୍ ସଫଳତାର ସହ ଆୟୋଜିତ ହୋଇଯାଇଛି । ସେଥିରେ ବାଲିଆପାଳର ଦେଉଳା, ମଧୁପୁରା, ଡଗରା, ବେତଗାଡ଼ିଆ ଓ ଚଉମୁଖ ଅଂଚଳର ଆଦିବାସୀ ମହିଳା ଓ ଯୁବକମାନେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ପରମ୍ପରା, ସଂସ୍କୃତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିବା ବେଳେ ଲୋକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ ତାହା କାର୍ଯ୍ୟ କରିଥିଲା ।

ଏହି କାର୍ଯ୍ୟକ୍ରମରେ ବାଲିଆପାଳ ତହସିଲଦାର ଜନକ ନାଏକ ସମେତ ବାଲିଆପାଳ ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ) ବିନୋଦ କୁମାର ପଣ୍ଡା, ବାଲିଆପାଳ ପ୍ରଭାରୀ ବ୍ରହ୍ମାନନ୍ଦ ସ୍ୱାଇଁ, ଦେଉଳା ଗ୍ରାମ ପଂଚାୟତର ସରପଂଚ ସରୋଜ କୁମାର ପିଲା ପ୍ରମୁଖ ଉପସ୍ଥିତ ଥିଲେ। ଟିଏସ୍ଏଫ୍ ବାଲେଶ୍ୱର ୟୁନିଟ୍ ଲିଡ୍ ପ୍ରମୋଦ କୁମାର ପାତ୍ର ମଧ୍ୟ ଆଲୋଚନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ 'ସମ୍ବାଦ୍'ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଆଦିବାସୀ ଲୋକମାନଙ୍କର ଆହ୍ୱାନ ଓ ଆକାଂକ୍ଷାର ମୁକାବିଲା କରି ସେମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସକ୍ରିୟ ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଯୋଗୀମାନଙ୍କୁ ପାଂଚଟି ଦଳରେ ବିଭକ୍ତ କରାଯାଇଥିଲା ଯାହା ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବାରେ ସହାୟକ ହୋଇଥିଲା ।

## ରେଡ୍ ଡଟ୍ ହେଲଥ୍ ଓ ଉତ୍କଳ ହସ୍ପିଟାଲ ଭୁବନେଶ୍ୱରର ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ହାତ ମିଳାଇଲେ

**ଭୁବନେଶ୍ୱର,୧୯।୯ (ମହାଭାରତ):** ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ସେବାର ଜଟିଳ ସମସ୍ୟାର ମୁକାବିଲା ପାଇଁ ରେଡ୍.ହେଲଥ୍ ପକ୍ଷରୁ ଉତ୍କଳ ହସ୍ପିଟାଲ ସହ ରଣନୈତିକ ଭାଗିଦାରୀ ଘୋଷଣା କରାଯାଇଛି। ରେଡ୍.ହେଲଥ୍ ଓ ଉତ୍କଳ ହସ୍ପିଟାଲରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଆଡଭାନ୍ସ ଲାଇଫ ସପୋର୍ଟ (ଏଏଲ୍ଏସ୍) ଆମ୍ବୁଲାନ୍ସକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟୋଜିତ କରାଯିବ। ସହର ଏବଂ ଏହାର ଆଖପାଖ ଅଂଚଳରେ ଜରୁରୀକାଳୀନ ଚିକିତ୍ସା ସେବାରେ ଉନ୍ନତି ଆଣିବା ଏହି ସହଯୋଗର ଲକ୍ଷ୍ୟ। ପତାକା ଉନ୍ମୋଚନ ଉତ୍ସବରେ ଉତ୍କଳ ହସ୍ପିଟାଲର ଶ୍ରୀଯୁକ୍ତ ମାନବ (ସିଓଓ), ଅରୁଣ ଖିଲାର (ସିଏଫ୍‌ଓ ଆଣ୍ଡ ୟୁନିଟ୍ ମୁଖ୍ୟ) ଏବଂ ଉତ୍କଳ ହସ୍ପିଟାଲର ଜରୁରୀକାଳୀନ ବିଭାଗର ଏଚ୍‌ଓଡି ଡାକ୍ତର ଅବିନାଶ ମହାନ୍ତି ଏବଂ ରେଡ୍ ଡଟ୍ ହେଲଥ୍‌ର ହସ୍ପିଟାଲ ବ୍ୟବସାୟ ଉପସଭାପତି ପ୍ରଶାନ୍ତ ଅଗ୍ରୱାଲ୍ ଉପସ୍ଥିତ ଥିଲେ। ଏହି ଭାଗିଦାରୀ ସମ୍ପର୍କରେ ରେଡ୍ ଡଟ୍ ହେଲଥ୍‌ର ପ୍ରତିଷ୍ଠାତା ତଥା ସିଇଓ ପ୍ରଭଦୀପ ସିଂହ ମନ୍ତବ୍ୟ ଦେଇଛନ୍ତି, "ସଙ୍କଟ ମୁହୂର୍ତ୍ତରେ ପ୍ରତ୍ୟେକ ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ। ଉତ୍କଳ ହସ୍ପିଟାଲ ସହ ଆମର ସହଯୋଗ କେବଳ ଆମ୍ବୁଲାନ୍ସ ମୁତୟନ ପାଇଁ ନୁହେଁ; ଏହା ହେଉଛି ଭୁବନେଶ୍ୱରବାସୀଙ୍କ ପାଇଁ ଏକ ନିରାପତା ଜାଲ ସୃଷ୍ଟି କରିବା । ବିଳମ୍ବିତ ଜରୁରୀକାଳୀନ ସେବା ଯୋଗୁଁ ଯେପରି କୌଣସି ରୋଗୀଙ୍କ ଜୀବନ ବିପଦରେ ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ଆମେ ଏଠାକୁ ଆସିଛୁ। ଆମର ଅତ୍ୟାଧୁନିକ ଜ୍ଞାନକୌଶଳକୁ ଉତ୍କଳ ହସ୍ପିଟାଲର ଡାକ୍ତରୀ ଦକ୍ଷତା ସହ ମିଶାଇ ଆମେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାକୁ ଅଧିକ ଆବଶ୍ୟକ ସ୍ଥଳେ ଉପଲବ୍ଧ କରାଇବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଉଛୁ।" ଉତ୍କଳ ହସ୍ପିଟାଲ ସହ ସଫଳ ସହଯୋଗ ପାଇଁ ଉତ୍କଳ ହସ୍ପିଟାଲର ସିଏଫ୍‌ଓ ତଥା ୟୁନିଟ୍ ମୁଖ୍ୟ ଅରୁଣ ଖିଲାର ରେଡ୍ ଡଟ୍ ହେଲଥ୍‌କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଏହି ଭାଗିଦାରୀ ଆମର ଜରୁରୀକାଳୀନ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ଯାହା ଆମକୁ ଅଭାବୀ ଲୋକଙ୍କୁ ଠିକ୍ ସମୟରେ ଏବଂ ଜୀବନ ରକ୍ଷାକାରୀ ସେବା ଯୋଗାଇବାରେ ସକ୍ଷମ କରେ।

# କମାଲ କଲେ ପୁରୁଖା ଯୋଡ଼ି

## ଅଶ୍ୱିନୀଙ୍କ ଶତକ, ଜାଡେଜାଙ୍କ ଅର୍ଦ୍ଧଶତକ, ଭାରତ ୩୩୯/୬

## ଫେଲ୍ ମାରିଲେ ରୋହିତ, କୋହଲି, ଗିଲ୍ ଓ ରାହୁଲ

ଚେନ୍ନାଇ,୧୯।୯: କମାଲ କରିଛନ୍ତି ଭାରତର ସ୍ପିନିଂ ଯୋଡ଼ି ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା। ଏଥର ବୋଲିଂରେ ନୁହେଁ, ବ୍ୟାଟିଂରେ ଉଭୟ ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି।କେବଳ ଉଦ୍ଧାର କରି ନାହାନ୍ତି, ବରଂ ବାଂଲାଦେଶ ବିପକ୍ଷ ଟେଷ୍ଟରେ ଭାରତକୁ କମବ୍ୟାକ କରାଇଛନ୍ତି।ବିଶେଷ କରି ଅଶ୍ୱିନ ନିଜ ହୋମଗ୍ରାଉଣ୍ଡ ଚେନ୍ନାଇର ଏମଏ ଚିଦାମ୍ବରମ ବା ଚେପକରେ ନିଜ ବ୍ୟାଟିଂରେ ଯାଦୁ ଦେଖାଇଛନ୍ତି।

ରୋହିତ ଶର୍ମା, ବିରାଟ କୋହଲି ଓ ଶୁବମନ ଗିଲଙ୍କ ଭଳି ବଡ଼ବଡ଼ ବ୍ୟାଟର ଯେଉଁ ବାଂଲାଦେଶ ବୋଲିଂ ଆଗରେ ତିଷ୍ଠି ପାରି ନଥିଲେ, ସେଠାରେ ଅଶ୍ୱିନ ଓ ଜାଡେଜା ନିଜର କଳା ଦେଖାଇଛନ୍ତି।

ଉଭୟ ୭ମ ୱିକେଟ ପାଇଁ ରେକର୍ଡ ପାର୍ଟନରଶିପ କରି ଭାରତକୁ ଦମଦାର ସ୍ଥିତିରେ ପହଞ୍ଚାଇ ଦେଇଛନ୍ତି। ପ୍ରଥମ ଦିନରେ ଅଶ୍ୱିନଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ଶତକ। ସେ ୧୦୮ ବଲରେ ଶତକ ହାସଲ କରିଛନ୍ତି ଏଥିସହ ଷ୍ଟମ୍ପ ଅପସାରଣ ଯାଏ ୧୦୨ ରନ କରି ଅପରାଜିତ ରହିଛନ୍ତି।ତାଙ୍କ ସହ ଜାଡେଜା ମଧ୍ୟ ୮୬ ରନର ଅପରାଜିତ ଇନିଂସ ଖେଳିଛନ୍ତି।

ଅଶ୍ୱିନ ଓ ଜାଡେଜାଙ୍କ ଦମରେ ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ୩୩୯ ରନ କରି ନେଇଛି। ଏକଦା ୩୪ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ଭାରତ ଏବେ ପ୍ରଥମ ଟେଷ୍ଟକୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସକ୍ଷମ ହୋଇଛି




ଜାଡେଜା ଓ ଅଶ୍ୱିନ ଭାରତ ସ୍କୋର ୧୪୪ ଥିବା ବେଳେ ଏକାଠି ବ୍ୟାଟିଂ କରିଥିଲେ। ଏବେ ଦଳୀୟ ସ୍କୋର ୩୩୯ରେ ପହଞ୍ଚି ଯାଇଛି ।

ପେସ ବୋଲିଂକୁ ଆରମ୍ଭରୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଏହାକୁ ସଠିକ ସାବ୍ୟସ୍ତ କରି ହାସନ ମହମୁଦ ଭାରତକୁ ଝଟକା ପରେ ଜଟକା ଦେଇଥିଲେ।ପ୍ରଥମେ ସେ ଅଧିନାୟକ ରୋହିତ ଶର୍ମା(୬)ଙ୍କୁ ଆଉଟ କରିଥିଲେ। ଏହାପରେ ଶୁବମନ ଗିଲ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ବିରାଟ କୋହଲି ମାତ୍ର ୬ ରନ କରି ହାସଙ୍କ ତୃତୀୟ ଶିକାର ବନିଥିଲେ। ଭାରତ ୩୪ ରନରେ ୩ଟି ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।କିନ୍ତୁ ଋଷଭ ପନ୍ତଙ୍କୁ ସାଥୀ କରି ଯଶସବୀ ଜୈସାଲ ସ୍ଥିତି ସମ୍ଭାଳିଥିଲେ ଉଭୟ ଲଞ୍ଚ ସୁଦ୍ଧା ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। କିନ୍ତୁ ଲଞ୍ଚ ବ୍ରେକର ତୃତୀୟ ଓଭରରେ ହାସନ ୩୯ ରନ କରିଥିବା ପନ୍ତଙ୍କୁ ଆଉଟ କରି ଦେଇଥିଲେ। ପନ୍ତ ଆଉଟ ହୋଇଥିଲେ ହେଁ ଯଶସ୍ୱୀ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିସହ କେଏଲ ରାହୁଲଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। ଏତିକି ବେଳେ ନାହିଦ ରାଣା ୫୬ ରନ କରିଥିବା ଯଶସ୍ୱୀଙ୍କୁ ଆଉଟ କରି ଭାରତକୁ ୫ମ ଝଟକା ଦେଇଥିଲେ ପରବର୍ତ୍ତୀ ଓଭରରେ ମେହିଦ ହାସନ ମିରାଜ ୧୬ ରନ କରିଥିବା ରାହୁଲଙ୍କୁ ପ୍ୟାଭିଲିୟନ ପଠାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ଭାରତ ୧୪୪ ରନରେ ୬ଷ୍ଠ ୱିକେଟ ହରାଇଥିଲା। ବାସ୍ ଏହି ଠାରୁ ଆରମ୍ଭ ହୋଇଥିବା ରବୀନ୍ଦ୍ର ଓ ରବିଚନ୍ଦ୍ରନଙ୍କ ଜଲା ଉଭୟ କେବଳ ୱିକେଟ ରଖି ନଥିଲେ, ବରଂ ଦ୍ରୁତ ଗତିରେ ରନ ମଧ୍ୟ ସଂଗ୍ରହ କରିଥିଲେ। ବିଶେଷ କରି ଘରୋଇ ଦର୍ଶକଙ୍କ ଆଗରେ ଅଶ୍ୱିନ ନିଜର ଦକ୍ଷତା ଦେଖାଇଥିଲେ। ବାଂଲାଦେଶର ପ୍ରତିଟି ବୋଲରଙ୍କୁ ଉଭୟ କଡ଼ା ପ୍ରହାର କରି ପ୍ରଥମେ ନିଜ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ ଅର୍ଦ୍ଧଶତକ ହାସଲ ପରେ ଉଭୟ ଗିୟର ମଧ୍ୟ ବଦଳାଇଥିଲେ। ଏଥିସହ ଅଶ୍ୱିନ ୧୦୮ ବଲରେ ନିଜର ଶତକ ହାସଲ କରିଥିଲେ ।

ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୬ଷ୍ଠ ଶତକ। ସେହିପରି ଘରୋଇ ମାଟିରେ ଦ୍ୱିତୀୟ ସେଞ୍ଚୁରୀ ।ଶତକୀୟ ଇନିଂସରେ ଅଶ୍ୱିନ ୧୦ଟି ଚୌକା ଓ ୨ଟି ଛକା ମାରିଛନ୍ତି। ଅଶ୍ୱିନଙ୍କ ଶତକ ପରେ ଜାଡେଜା ମଧ୍ୟ ସେହି ଦିଗରେ ଆଗେଇ ଥିଲେ ହେଲେ ପ୍ରଥମ ଦିନର ଖେଳକୁ ୮୦ ଓଭରରେ ବନ୍ଦ କରି ଦିଆଯାଇଥିଲେ ଷ୍ଟମ୍ପ ଅପସାରଣ ବେଳକୁ ଜାଡେଜା ୮୬ ରନରେ ଅପରାଜିତ ରହିଛନ୍ତି। ଅଶ୍ୱିନ ମଧ୍ୟ ୧୦୨ ରନ କରି କ୍ରିଜରେ ଅଛନ୍ତି।

# ରେକର୍ଡ କଲେ ଯଶସ୍ୱୀ ଜୈସାଲ




ଚେନ୍ନାଇ,୧୯।୯: ଭାରତୀୟ କ୍ରିକେଟ ଟିମର ଓପନର ଯଶସ୍ୱୀ ଜୈସାଲ ପୁଣିଥରେ ଚମକିଛନ୍ତି। ସେ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତକୁ ବିପଦରୁ ଉଦ୍ଧାର କରିବା ସହ ଗୁରୁତ୍ୱପୂର୍ଣ୍ଣ ୫୬ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସ ବଳରେ ଯଶସ୍ୱୀ ନୂଆ। କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି ବାଂଲାଦେଶ ବିପକ୍ଷରେ ସେ ଅର୍ଦ୍ଧଶତକ ହାସଲ କରିବା ପରେ ୧୪୭ ବର୍ଷର ଟେଷ୍ଟ କ୍ରିକେଟରେ ଯାହା ଘଟି ନଥିଲା, ସେକଥା କରିବାକୁ ସକ୍ଷମ ହୋଇଛନ୍ତି। ଯଶସ୍ୱୀ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଘରୋଇ ପରିବେଶରେ ଖେଳା ଯାଇଥିବା ଟେଷ୍ଟ କ୍ରିକେଟର ପ୍ରଥମ ୧୦ଟି ଇନିଂସରେ ୭୫୦ କିମ୍ବା ତା ଠାରୁ ଅଧିକ ରନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜର ଜର୍ଜ ହେଡଲୀଙ୍କ ନାଁରେ ଥିଲା।ସେ ୧୯୩୫ ମସିହାରେ ପ୍ରଥମ ୧୦ଟି ଇନିଂସରେ ୭୪୭ ରନ କରିଥିଲେ।

ପାକିସ୍ତାନର ଜାଭେଦ ମିଆଁଦାଦ ୭୪୩ ରନ, ଜିମ୍ବାୱେର ଡାଭେ ହୌଟନ ୬୮୭ ରନ ଓ ୱେଷ୍ଟଇଣ୍ଡିଜର ସାର ଭିଭ ରିଚ୍‌ର୍ଡସ ୬୮୦ ରନ କରିଥିଲେ। ହେଲେ ଏମାନଙ୍କୁ ଯଶସ୍ୱୀ ପଛରେ ପକାଇ ବିଶ୍ୱ ରେକର୍ଡ ସହ ୭୫୫ ରନ କରି ନେଇଛନ୍ତି।

ଏଯାଏ ୯ଟି ଟେଷ୍ଟରେ ୧୬ଟି ଇନିଂସ ଖେଳିଥିବା ଯଶସ୍ୱୀ ଟେଷ୍ଟ କ୍ରିକେଟରେ ୧୦୨୮ ରନ କରିଛନ୍ତି।ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର ହେଉଛି ଅପରାଜିତ ୨୧୪ ରନ। ଆଜି ବାଂଲାଦେଶ ବିପକ୍ଷରେ ଭାରତ ୩୪ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା ଏତିକି ବେଳେ ଯଶସ୍ୱୀ ଓ ଋଷଭ ପନ୍ତ ୬୨ ରନର ଭାଗିଦାରୀ କରିଥିଲେ। ଏହାପରେ ଯଶସ୍ୱୀ ୫ମ ୱିକେଟ ପାଇଁ କେଏଲ ରାହୁଲଙ୍କ ସହ ମଧ୍ୟ ୪୮ ରନ ଯୋଡ଼ିଥିଲେ।

## ରାଗିଗଲେ ପନ୍ତ

ଚେନ୍ନାଇ,୧୯।୯: କାର ଦୁର୍ଘଟଣାରୁ ବର୍ତ୍ତିବା ପରେ ପ୍ରଥମ ଥର ଟେଷ୍ଟ କ୍ରିକେଟକୁ ଫେରିଥିବା ପନ୍ତ ଆଜି ବ୍ୟାଟିଂ କରିବା ବେଳେ ରାଗି ଯାଇଥିଲେ। ବାଂଲାଦେଶର ୱିକେଟର କିପର ଲିଟନ ଦାସଙ୍କ ସହ କିଛି କ୍ଷଣ ପାଇଁ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ପନ୍ତ ରାଗିକୁ ଲିଟନଙ୍କୁ କହିଥିବା କଥା ମଧ୍ୟ ଷ୍ଟମ୍ପ ମାଇକରେ ରେକର୍ଡ ହୋଇଛି। ପୂରା ଘଟଣା ଏମିତି ଥିଲା ଯଶସ୍ୱୀ ଶଟ କଭରରେ ବଲ ମାରିବା ଥିବା ବେଳେ ନନ ଷ୍ଟ୍ରାଇକରେ ଥିବା ପନ୍ତ ସିଙ୍ଗଲ ନେବାକୁ ଚେଷ୍ଟା କରିଥିଲେ କିନ୍ତୁ ଯଶସ୍ୱୀ ରନ ନେବାକୁ ମନା କରି ଦେଇଥିଲେ। ଏସବୁ ଭିତରେ ଶଟ କଭରରେ ଫିଲ୍ଡି କରିଥିବା ବାଂଲାଦେଶ ଖେଳାଳି ବଲଟିକୁ ପନ୍ତଙ୍କ ଆଡ଼କୁ ଥ୍ରୋ କରିଥିଲେ ବଲଟି ତାଙ୍କ ଗୋଡ଼ରେ ବାଜିଥିଲା। ଓଭର ଥ୍ରୋ ଯୋଗୁ ପନ୍ତ ଷ୍ଟ୍ରାଇକ ଏଣ୍ଡରେ ପହଞ୍ଚିଥିଲେ। ଏତିକି ବେଳେ ଲିଟନ ଦାସ ରନ କାହିଁକି ନେଲ ବୋଲି ପ୍ରଶ୍ନ କରିଥିଲେ। ବଲ ଗୋଡ଼ରେ ମାଡ଼ ହୋଇଥିବାରୁ ରନ ନେବା କଥା ନୁହଁ ବୋଲି ସେ ପନ୍ତଙ୍କୁ କହିଥିଲେ।

ଏହାର ଜବାବରେ ପର୍ନ୍ତ କେଟ କିପର ଲିଟନ ଦାସଙ୍କୁ ବରକ୍ତ ହୋଇ କହିଥିଲେ ଯେ ସେ ମୋତେ କାହିଁକି ମାରୁଛନ୍ତି ? ଏହାର ଜବାବରେ ଲିଟନ କହୁଛନ୍ତି, ସେ ତ ବଲ ଫିଙ୍ଗି ବ ନା ଏହି ଅଳ୍ପକ ସେକଣ୍ଡର ତିକ୍ତତା ପରେ ଖେଳ ଆଗକୁ ବଢ଼ିଥିଲା।

# ବିଶ୍ୱକପ୍ ପରାଜୟର ବଦଳା ନେଲା ଆଫଗାନିସ୍ତାନ




ନୂଆଦିଲ୍ଲୀ: ଆଫଗାନିସ୍ତାନ କ୍ରିକେଟ ଟିମ ଟି-୨୦ ଫର୍ମାଟ ପରେ ବର୍ତ୍ତମାନ ୱାନଡେ ରେ ମଧ ବଡ଼-ବଡ଼ ଟିମ ଉପରେ ଭାରି ପଡିଛି। ଏଥର ସାଉଥ ଆଫ୍ରିକା ଟିମ ଆଫଗାନିସ୍ତାନର ଶିକାର ହୋଇଛି।ଶାରଜାହରେ ଖେଳାଯାଉଥିବା ।ନଡେ ସିରିଜର ପୂର୍ବ ମୁକାବିଲାରେ ଆଫଗାନ ଟିମ ସାଉଥ ଆଫ୍ରିକା ଟିମକୁ ହରାଇ ନୂଆ। ରେକର୍ଡ ସୃଷ୍ଟି କରିଛି।

ପ୍ରଥମେ ବୋଲିଂ କରି ଆଫଗାନିସ୍ତାନ ସାଉଥ ଆଫ୍ରିକାକୁ ୧୦୬ ରନରେ ପହଞ୍ଚାଇଥିଲା ଏହାର ଜବାବରେ ଆଫଗାନିସ୍ତାନ ୧୦୭ ରନର ଟାର୍ଗେଟରେ ୪ୱିକେଟ ହରାଇ ୨୬ ଓଭରରେ ହାସଲ କରିଥିଲା। ଏହାଫଳରେ ଟି୨୦ ବିଶ୍ୱକପର ସେମି ଫାଇନାଲର ବଦଳା ନେଇଛି ଆଫଗାନିସ୍ତା। ଆଫଗାନିସ୍ତାନର ଏହି ଐତିହାସିକ ବିଜୟରେ ଫଜହଲକ ଫାରୁକୀ ଏବଂ ଉଲ୍ଲାହ ଗଜନଫର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।ଓମାରଜଇ ୭ ଓଭରରେ ୩୫ ରନ ଦେଇ ୪ ୱିକେଟ ନିଜ ନାମରେ କରିଥିଲେ, ଯେଉଁଥିରେ ୧୮ ବର୍ଷୀୟ ଗଜନଫର ନିଜର ତୃତୀୟ ।ନଡେ ମ୍ୟାଚରେ ୩ ୱିକେଟ ନେଇଥିଲେ। ଲକ୍ଷକୁ ପିଛା କରି ଅଜମାତୁଲ୍ଲାହ ଓମାରଜଇ ଏବଂ ଗୁଲବଦୀନ ନଇବ କମାଲ ପ୍ରଦର୍ଶନ କରିଥିଲେ ଏବଂ ଟିମକୁ ଜିତାଇ ଫେରିଥିଲେ। ଓମାରଜଇ ୨୫ ରନର ଅପରାଜିତ ଇନିଂସ ଖେଳିଥିଲେ ଏବଂ ଗୁଲବାଡିନ୍ ୩୪ ରନର ଅପରାଜିତ ଇନିଂସ ଖେଳିଥିବା ନଜର ଆସିଥିଲେ।

## ହୃଦାନନ୍ଦଙ୍କୁ ରୌପ୍ୟ

ଫିଜି,୧୯।୯ : ଫିଜିରେ ଆୟୋଜିତ ୨୦୨୪ କମନଲେଥ ଭାରୋତ୍ତୋଳନ ଚାମ୍ପିଅନସିପରେ ଓଡ଼ିଶାର ହୃଦାନନ୍ଦ ଦାସ ଯୁବବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।ଏହା ସହିତ ଜୁନିୟର ବର୍ଗରେ ଏକ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୮୯ କିଲୋଗ୍ରାମ୍ ବର୍ଗରେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ସ୍ନାଚ୍ ୧୨୯ କିଲୋଗ୍ରାମ୍ ଥିବାବେଳେ କ୍ଲିନ୍ ଏବଂ ଜର୍କ ୧୭୦ କିଲୋଗ୍ରାମ୍ ଥିଲା । ଏପରି ତାଙ୍କର ପ୍ରଦର୍ଶନ ମୋଟ ୨୯୯ କିଲୋଗ୍ରାମ୍ ଥିଲା। ସେ ବିଜୟୀ ହେବା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ବରିଷ୍ଠ କ୍ରୀଡ଼ାବିତମାନେ ମତପୋଷଣ କରିଛନ୍ତି।



# ପ୍ରୋ କବାଡି ଲିଗ୍‌ରେ ସୁନିଲଙ୍କୁ ସର୍ବାଧିକ ବିଡ୍



ନୂଆଦିଲ୍ଲୀ: ପ୍ରୋ କବାଡି ଲିଗ୍‌ର ୧୧ତମ ସିଜିନର ନିଲାମ ପାଇଁ ସୁନିଲ କୁମାରଙ୍କ ଉପରେ ସର୍ବାଧିକ ବିଡ୍ ରଖାଯାଇଥିଲା। ସୁନିଲଙ୍କୁ ୧.୦୧୫ କୋଟିରେ କିଣିଛି। ପ୍ରୋ କବାଡି ଲିଗ୍ ଇତିହାସରେ ସୁନିଲ ମହଙ୍ଗା ଭାରତୀୟ ଡିଫେଣ୍ଡର ହୋଇଛନ୍ତି । ବର୍ତ୍ତମାନ ସେ ର ୧୧ତମ ସିଜିନରେ ଅଧିନାୟକ୍ କରିବାରେ ନଜର ଆସିବେ। ପ୍ରୋ କବାଡି ଲିଗର ୧୧ତମ ସିଜିନରେ ସୁନିଲ କୁମାରଙ୍କ ନିଲାମ ପାଇଁ ବେଙ୍ଗାଲୁରୁ ବୁଲ୍ସ ଏବଂ ଦବଙ୍ଗ ଦିଲ୍ଲୀ ଦଳ ମଧ୍ୟରେ କଡ଼ା ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଡ୍ ୮୦ ଲକ୍ଷ ପର୍ଯ୍ୟନ୍ତ ଯିବା ପରେ ନିଲାମରେ ଅଂଶଗ୍ରହଣ କରିଥିଲା। ଏହା ପରେ କୋଟିଏ ଟଙ୍କାରୁ ଅଧିକ ମୂଲ୍ୟରେ ସୁନିଲ କୁମାରଙ୍କୁ ଟିମରେ ସାମିଲ କରାଯାଇଥିଲା। ସୁରିନ୍ଦର ସିଂହଙ୍କ ସ୍ଥାନରେ ସୁନିଲ ଭଲ ପ୍ରଦର୍ଶନ କାଏମ ରଖିବେ ବୋଲି ୟୁ ମୁମ୍ବା ଆଶା ପ୍ରକାଶ କରିଛି। କହିରଖୁଛୁ ସୁରିନ୍ଦର ୨ ବର୍ଷ ପର୍ଯ୍ୟନ୍ତ ୟୁ ମୁମ୍ବା ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେଫ କିନ୍ତୁ ତାଙ୍କ ପ୍ରଦର୍ଶନରେ ହ୍ରାସ ଯୋଗୁ ଦଳରୁ ବହିଷ୍କୃତ ହୋଇଥିଲେ। ତେବେ ସୁନିଲ କୁମାରଙ୍କ ବ୍ୟତୀତ ରାଇଟ୍ କର୍ଣ୍ଣର ଡିଫେଣ୍ଡର ରିଙ୍କୁ ଶର୍ମା ଏବଂ ଲେଫ୍ଟ କଭର ଡିଫେଣ୍ଡର ପରଶେ୍ ଭେନ୍ନାଲଙ୍କୁ ଏହାର ଆଗାମୀ ସିଜିନ୍ ପାଇଁ ଉପ ଅଧିନାୟକ ଘୋଷଣା କରିଛି। କହିରଖୁଛୁ ରିଙ୍କୁକୁ ମୁମ୍ବା ଟିମ୍ ନିଲାମ ପୂର୍ବରୁ ରିଟେନ୍ କରିଥିଲା। ସେହିପରି ପରଶେ ତେଲୁଗୁ ଟାଇଟନ୍ସରୁ ୟୁ ମୁମ୍ବାକୁ ଆସିଛନ୍ତି। ତାଙ୍କୁ ଦଳ ୧୯.୫ କୋଟି ଟଙ୍କାରେ କିଣିଛି।

# ପ୍ରଥମ ଶ୍ରେଣୀରେ ଜ୍ୟାକ୍‌ଙ୍କ ଆଖପାଖରେ ନାହାନ୍ତି ସଚିନ, କୋହଲି

ନୂଆଦିଲ୍ଲୀ,୧୯।୯: କ୍ରିକେଟରେ ଶତକ ସ୍କୋର କରିବା ଏକ ବଡ଼ ସଫଳତା। ୧୦୦ ରନ ପୂରଣ କରିବାକୁ ଜଣେ ବ୍ୟାଟ୍ସମ୍ୟାନଙ୍କୁ ଅନେକ ଘଣ୍ଟା ପାଇଁ କ୍ରିଜରେ ରହିବାକୁ ପଡିବ। ଅନ୍ତର୍ଜାତୀୟ କ୍ରିକେଟ ଇତିହାସରେ ସର୍ବାଧିକ ଶତକ ସ୍କୋର କରିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ଅଛି, ଯିଏ ମୋଟ ୧୦୦ ଶତକ ହାସଲ କରିଛନ୍ତି।କିନ୍ତୁ ପ୍ରଥମ ଶ୍ରେଣୀ କ୍ୟାରିୟର ଶତକ ବିଷୟ କଥା ଆସିଲେ, ସଚିନ ତେନ୍ଦୁଲକର କିମ୍ବା ସୌରଭ ଗାଙ୍ଗୁଲିଙ୍କ ପରି ମହାନ ବ୍ୟକ୍ତିମାନେ ମଧ ଏହି ତାଲିକାରେ ବହୁ ପଛରେ ଅଛନ୍ତି।

ପ୍ରଥମ ଶ୍ରେଣୀ କ୍ରିକେଟରେ ୬ ଜଣ ଖେଳାଳି ଅଛନ୍ତି,ଯେଉଁମାନେ ନିଜ କ୍ୟାରିୟରରେ ୧୫୦ କିମ୍ବା ଅଧିକ ଶତକ ସ୍କୋର କରିଛନ୍ତି। କିନ୍ତୁ ସର୍ବାଧିକ ଶତକ ଇଂଲଣ୍ଡର ଜ୍ୟାକ ହବ୍ସଙ୍କ ନାମରେ ଅଛି, ଯିଏକି ତାଙ୍କର



ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୯୯ ଶତକ ସ୍କୋର କରିଥିଲେ। ହବ୍ସ ତାଙ୍କ ଐତିହାସିକ କ୍ୟାରିୟରରେ ୮୩୪ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଥିଲେ, ଯାହା ୧୯୦୫ ରୁ ୧୯୩୪ ପର୍ଯ୍ୟନ୍ତ ବ୍ୟାପିଥିଲା, ଯେଉଁଥିରେ ସେ ୧,୩୨୫ ଇନିଂସରେ ୬୧,୭୬୦ ରନ ସ୍କୋର କରିଥିଲେ ହାରାହାରି ୫୦.୭୦ରେ ବ୍ୟାଟିଂ କରି ସେ ୧୯୯ ଶତକ ଏବଂ ୨୭୩ ଅର୍ଦ୍ଧଶତକ ସ୍କୋର କରିଥିଲେ।

ଏହି ତାଲିକାରେ ଏଲିୟସ ହେନେରୀ ହେଣ୍ଡେନ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ସେ ଇଂଲଣ୍ଡର ଜଣେ ଖେଳାଳି ମଧ୍ୟ ଥିଲେ। ହେନେରୀ ତାଙ୍କର ଐତିହାସିକ ପ୍ରଥମ ଶ୍ରେଣୀ କ୍ୟାରିୟରରେ ମୋଟ ୧୭୦ ଶତକ ସ୍କୋର କରିବାରେ ସଫଳ ହୋଇଥିଲେ। ସେ ତାଙ୍କ କ୍ୟାରିୟରରେ ୫୭ ହଜାରରୁ ଅଧିକ ରନ ସ୍କୋର କରିଥିଲେ। ଯଦି ଏହି ଖେଳାଳିମାନେ ୧୦୦ ଶତକରୁ ଅଧିକ ସ୍କୋର କରିଛନ୍ତି, ତେବେ ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲି ଏହି ତାଲିକାରେ କେଉଁଠାରେ ଅଛନ୍ତି।

ପ୍ରଥମ ଶ୍ରେଣୀ କ୍ରିକେଟରେ, ସେହି ମ୍ୟାଚଗୁଡିକ ୩ କିମ୍ବା ଅଧିକ ଦିନ ଧରି ଗଣନା କରାଯାଏ ଏହାର ଅର୍ଥ ହେଉଛି, ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟର ପରିସଂଖ୍ୟାନ ଏବଂ ଉଦାହରଣ ସ୍ୱରୂପ ଭାରତରେ ଖେଳାଯାଇଥିବା ରଣଜୀ ଟ୍ରଫି ମଧ ପ୍ରଥମ ଶ୍ରେଣୀ କ୍ରିକେଟ ଅଧୀନରେ ଆସିଛି । ସଚିନ ତେନ୍ଦୁଲକର ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟରରେ ୮୧ ଶତକ ହାସଲ କରିଥିବାବେଳେ ବିରାଟ କୋହଲି ଏପର୍ଯ୍ୟନ୍ତ ୩୬ଟି ଶତକ ଛୁଇଁ ପାରିଛନ୍ତି।

## ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ସିନିୟର ନକଆଉଟ ଫୁଟବଲ

ବଲାଙ୍ଗୀର,୧୯।୯: ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ୧୬ ଗୋଟି ଜୋନ ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜି ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ମିଶନ ଜୋନ ଫାଇନାଲ ଖେଳ ହୋଇଥିଲା। ସିସିଏଫ୍‌ଏ ୫-୦ ଗୋଲରେ ମାଣିକେଶ୍ୱରୀ କନ୍ଧପାଲିକୁ ହରାଇଛି। ଅତିଥି ଭାବରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ, ପୂର୍ବତନ ଖେଳାଳି ତଥା କୋଚ ସୌମେନ୍ଦ୍ର ପରିଚ୍ଛା ଓ କ୍ରୀଡା ସଂସଦ ସଦସ୍ୟ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ। କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ, ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ପ୍ରଭାତ କୁମାର ମିଶ୍ର, ସଦସ୍ୟ ସୁଧିର ଚନ୍ଦ୍ର ପଣ୍ଡା,ପୂର୍ବତନ ଖେଳାଳି ଲୋକନାଥ ନେପାକ, ସୁଦୟ ବାରିକ, ନିଶାରକାନ୍ତ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆଁଖାଇ ଅଭିନନ୍ଦନ - ୨୦୨୪

ଯକ୍ଷ୍ମା (TB) ବିରୁଦ୍ଧରେ ଲଢେଇରେ, ବିଶ୍ୱାସଯୋଗ୍ୟ ବି.ସି.ଜି. ଟୀକା

NATIONAL HEALTH MISSION

ଯକ୍ଷ୍ମା ହାରିବ, ଦେଶ ଜିତିବ

**ଯକ୍ଷ୍ମା ରୋଗର ପ୍ରତିରୋଧ ପାଇଁ ଟୀକାର ଆବଶ୍ୟକତା କ'ଣ?**

ବିଶ୍ୱରେ ସଂକ୍ରାମକ ରୋଗମାନଙ୍କ ମଧ୍ୟରେ ଯକ୍ଷ୍ମା ରୋଗରେ ସବୁଠାରୁ ଅଧିକ ମୃତ୍ୟୁ ହେଉଛି। ଏହା ପରିବାର ପାଇଁ ଆର୍ଥିକ ସମସ୍ୟାର ଏକ କାରଣ। ଯକ୍ଷ୍ମା ରୋଗର ପ୍ରାଦୁର୍ଭାବକୁ କମ୍ କରିବା ପାଇଁ ଓ ଏଥି ଜନିତ ଅକାଳ ମୃତ୍ୟୁ ରୋକିବା ପାଇଁ ଟୀକା ଏକ ପ୍ରଭାବଶାଳୀ ଉପାୟ ଅଟେ।

**ବୟସ୍କ ଲୋକଙ୍କୁ ବି.ସି.ଜି ଟୀକା ନେବା କାହିଁକି ଦରକାର?**

ଭାରତରେ ଶିଶୁର ଜନ୍ମ ସମୟରେ ଓ ଶିଶୁ ଜନ୍ମର ୧ ବର୍ଷ ମଧ୍ୟରେ ବି.ସି.ଜି ଟୀକା ଦିଆଯାଉଛି, ଏବଂ ଏଥିରୁ ସ୍ପଷ୍ଟ ଭାବରେ ଜଣାଯାଏ ଯେ ଏହି ଟୀକା ଶିଶୁମାନଙ୍କୁ ଯକ୍ଷ୍ମାର ଗୁରୁତର ରୂପରୁ ସୁରକ୍ଷା ଦେଉଛି। ବର୍ତ୍ତମାନ ତଥ୍ୟରୁ ଜଣାଯାଇଛି ଯେ ବୟସ୍କ ଲୋକଙ୍କୁ ବି.ସି.ଜି ଟୀକା ଦେଲେ ସେମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ଅହୁରି ଅଧିକ ବଢୁଛି ଏବଂ ଏହା ସେମାନଙ୍କୁ ଅହୁରି ୧୦ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗରୁ ବଂଚାଇ ପାରିବ।

**ବି.ସି.ଜି ଟୀକା ନେବା କ'ଣ ସୁରକ୍ଷିତ ଅଟେ?**

ହଁ, ବି.ସି.ଜି ଟୀକା ୧୯୨୧ ମସିହାରୁ ଦିଆଯାଉଛି ଓ ଏହା ସବୁଠାରୁ ସୁରକ୍ଷିତ ଟୀକା ଅଟେ। ଏହା ନିୟମିତ ଟୀକାକରଣ କାର୍ଯ୍ୟକ୍ରମ ଅଧିନରେ ଶିଶୁମାନଙ୍କୁ ଜନ୍ମ ସମୟରେ ବା ଶିଶୁ ଜନ୍ମର ୧ ବର୍ଷ ମଧ୍ୟରେ ଦିଆଯାଉଛି।

**ବି.ସି.ଜି ଟୀକାର ସାଧାରଣ ପାର୍ଶ୍ୱ ପ୍ରତିକ୍ରୀୟା ସବୁ କ'ଣ?**

ଟୀକା ନେବାର ୨-୩ ସପ୍ତାହ ମଧ୍ୟରେ କିଛି ଲୋକଙ୍କର ଏକ ଛୋଟ ଗେଟା ଦେଖାଦେଇ ପାରେ। ଏହା ବ୍ୟତିତ ଟୀକା ନେଇଥିବା ଅଙ୍ଗରେ ଦରଜ, ଫୁଲା ଓ ନାଲି ପଡିବା ଭଳି କିଛି ଅତି ସାଧାରଣ ପାର୍ଶ୍ୱ ପ୍ରତିକ୍ରୀୟା ଦେଖାଯାଇପାରେ, ଯାହା ଆପେ ଭଲ ହୋଇଯାଏ ଓ ଏଥିପାଇଁ କୌଣସି ଚିକିତ୍ସା ଦରକାର ପଡେ ନାହିଁ।

**ବୟସ୍କ ଲୋକଙ୍କ ପାଇଁ ବି.ସି.ଜି ଟୀକା କେଉଁଠାରେ ଉପଲବ୍ଧ ଅଟେ?**

- ବି.ସି.ଜି ଟୀକା ନିର୍ଦ୍ଧାରିତ ଅଂଚଳର ଟୀକାକରଣ କେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ।
- ବୟସ୍କ ବି.ସି.ଜି ଟୀକା ଅଭିଯାନ ସମୟରେ ୩ ମାସ ସମୟ ଅବଧି ମଧ୍ୟରେ ଏହି ଟୀକା ଦିଆଯିବ।

ଅଧିକ ଜାଣିବା ପାଇଁ, ଦୟାକରି ଆପଣଙ୍କ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ସ୍ୱାସ୍ଥ୍ୟ କର୍ମୀ ବା ଆଶା ଦିଦିଙ୍କ ସହିତ ଯୋଗାଯୋଗ କରନ୍ତୁ ଅଥବା ନିକ୍ଷୟ ଦେୟ ମୁକ୍ତ ହେଲ୍ପଲାଇନ ନଂ ୧୮୦୦-୧୧-୬୬୬୬ରେ ଯୋଗାଯୋଗ କରନ୍ତୁ।

ଡା. ପ୍ରଦୀପ କୁମାର ଗୁରୁ
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ବଲାଙ୍ଗିର

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ